## ସିନ୍ଦୂର, ଶାଢ଼ି ଦେଖି ହତ୍ୟାକାଣ୍ଡ ଗୁଜବ

ଯୋଡ଼ା,(ଡି.ଏନ୍.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ହତ୍ୟାକାଣ୍ଡ ଗୁଜବ ସୃଷ୍ଟି ହୋଇଛି। ବାମେବାରୀର ଏକ ନିର୍ଜନ ସ୍ଥାନରେ ଶାଢ଼ି, ସିନ୍ଦୂର, ଚୁଡ଼ି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାର କିଛି ସମୟ ପରେ ହତ୍ୟାକାଣ୍ଡ ଘଟିଥିବା ଗୁଜବ ହୋଇଥିଲା। ଏ ନେଇ ପୋଲିସକୁ ବାରମ୍ବାର ଖବର ଆସିବା ପରେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲା। ସୂଚନା ନ ପାଇ ନାକେଦମ ହେବାକୁ ପଡ଼ିଥିଲା। ବମେବାରୀ ଥାନା ଅଞ୍ଚଳରେ କୌଣସି ହତ୍ୟାକାଣ୍ଡ ଘଟି ନ ଥିବା ପୋଲିସ ସ୍ପଷ୍ଟ କରିଛି।



## ସଂକ୍ଷେପରେ

### ବିଜେଡିରୁ ନିଲମ୍ବିତ ଯୁବନେତାଙ୍କ ବାଇକ୍ ରାଲି

ବାସୁଦେବପୁର,୧୨ା୫(ଡି.ଏନ.ଏ.)- ବାସୁଦେବପୁର ଅଞ୍ଚଳର ଯୁବ ସାମାଜିକକର୍ମୀ ତଥା ଗତ କିଛି ମାସ ଧରି ବିଜେଡିରୁ ନିଲମ୍ବିତ ହୋଇଥିବା ବାଣୀକଲ୍ୟାଣ ମହାନ୍ତି ଗୁରୁବାର ବାଇକ୍ ରାଲି ଦ୍ୱାରା ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ବ୍ଲକର ବିଦେଇପୁର ଛକଠାରୁ କରଞ୍ଜଆଡ଼ିଆ ବଜାର ପର୍ଯ୍ୟନ୍ତ ୫ ଶହରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନେଇ ସେ ଏହି ବାଇକ୍ ରାଲି କରିଥିଲେ। ପ୍ରକାଶଯୋଗ୍ୟ ଗତ ୧ ସପ୍ତାହ ତଳେ ମଧ ବ୍ରାହ୍ମଣଗାଁଠାରେ ଏହି ଯୁବ ସାମାଜିକକର୍ମୀ ନିଜର ସମର୍ଥକଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ। ବିଜେଡିରୁ ନିଲମ୍ବନ ପରେ ତାଙ୍କର ଏହି ସବୁ କାର୍ଯ୍ୟକ୍ରମକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେଉଛି।

### ହଜରତ ମନସୁର ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ

#### କାଦ୍ରି କମିଟି ପକ୍ଷରୁ କୱାଲି କାର୍ଯ୍ୟକ୍ରମ

ଧାମନଗର ୧୨ା୫(ସ୍ୱ.ପ୍ର.)- ଧାମନଗର ବ୍ଲକ ଅଧୀନ ମୁସ୍ତଫାପୁର ପଞ୍ଚାୟତର ଦୋବଲ ନିକଟସ୍ଥ ହଜରତ ମନସୁର ପୀରବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ଅବସରରେ କାଦ୍ରି ନଗରଠାରେ କାଦ୍ରି କମିଟି ପକ୍ଷରୁ କୱାଲି ଅନୁଷ୍ଠିତ ହୋଇଯାଇଛି। ବିଜେଡ଼ି କର୍ମୀ ପ୍ରତାପ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ କୱାଲି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅଞ୍ଚଳ ହେଉଛି ଏକ ଭାଇଚାରାର ମାଟି, ଉଭୟ ସମ୍ପ୍ରଦାୟ ମିଳିମିଶି ଭାଇଚାରା ବଜାୟ ରଖିଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଅଞ୍ଚଳର ବରିଷ୍ଠ ନେତା କର୍ଣ୍ଣାଟକେଶରୀ ଦାସ, ଏମ୍‌ପିଙ୍କ ପ୍ରତିନିଧି ହରେକୃଷ୍ଣ ପାଢ଼ୀ, ସରପଞ୍ଚଙ୍କ ପ୍ରତିନିଧି ସେକ ମୁସ୍ତାକ, ଖବରଦାତା ସେକ ଜାଫର ଅଲ୍ଲୀ, ବିଜେଡ଼ି ନେତା କୃଷ୍ଣଚନ୍ଦ୍ର ପତି, ଜସିମୁଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ସଲିମ ଜାୱେଦ ପାଟି (ବେଙ୍ଗାଲୁରୁ) ଆତିସ ମୋରାଦ ପାଟି (ନାଗପୁର) ଦୁଇ ଦଳ ମଧ୍ୟରେ କୱାଲି ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା। କାଦ୍ରି କମିଟି କୱାଲି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଧାମନଗର ପୋଲିସ ମୁତୟନ ରହିଥିଲେ।

### ଇଲେକ୍ଟ୍ରି ଦୋକାନରୁ ଚୋରି

#### ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ନୀଳଗିରି, ୧୨ା୫(ସ୍ୱ.ପ୍ର.)- ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ସଜନାଗଡ଼ ବଜାରରୁ ଗୁରୁବାର ବିଳମ୍ବିତ ରାତିରେ ଏକ ଇଲେକ୍ଟ୍ରି ଦୋକାନରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଜାମୁଡିହା ଗ୍ରାମର ଶକ୍ତିଧର ପଣ୍ଡା ନାମକ ବ୍ୟକ୍ତି ସଜନାଗଡ଼ ବଜାରରେ ପଣ୍ଡା ଇଲେକ୍ଟ୍ରି ନାମରେ ଏକ ଦୋକାନ କରିଥିଲେ। ସବୁଦିନ ପରି ପଣ୍ଡା ଗୁରୁବାର ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ଦୋକାନ ଖୋଲିବା ପାଇଁ ଯାଉଥିବା ବେଳେ ୫ଟି ତାଲା ଭାଙ୍ଗି ଚୋରି ହୋଇଥିବା ଦେଖିଥିଲେ। ଦୋକାନରେ ଥିବା ୩ଟି ପାଣି ମୋଟର ସମେତ ଫ୍ୟାନ୍, ଇଲେକ୍ଟ୍ରି ତାର, ସୁଇଚ୍‌ବୋର୍ଡ଼, ନଗଦ ୫୦୦୦ ଟଙ୍କା ଓ ଅନ୍ୟାନ୍ୟ ଇଲେକ୍ଟ୍ରି ସାମଗ୍ରୀ ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏନେଇ ନୀଳଗିରି ଥାନାରେ ପଣ୍ଡା ଲିଖିତ ଅଭିଯୋଗ କରିଥିଲେ। ନୀଳଗିରି ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିବା ବେଳେ କୌଣସି ସୁରାକ ପାଇ ନ ଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଗୋପବନ୍ଧୁ ନଗର,୧୨ା୫(ଡି.ଏନ.ଏ.)- ଖୁଣ୍ଟା ଥାନା ଅଞ୍ଚଳର ଜଣେ ୨୬ ବର୍ଷୀୟା ଯୁବତୀଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୧୩୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ବାଙ୍ଗଡିହି ଗ୍ରାମର ମୁକୁନ୍ଦ ହେମ୍ବ୍ରମ(୨୭)। ଯୁବତୀଙ୍କ ସହ ସେ ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କ ରଖିବା ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ତେବେ ଯୁବତୀ ଜଣକ କିଛି ଦିନ ତଳେ ବିବାହ କଥା ଉଠାଇବାରୁ ଯୁବକ ଜଣକ ରାଜି ହୋଇ ନ ଥିଲେ। ଏନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବାରୁ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ଜମି କିଣାବିକାରେ ରେରା ଆଇନ ଉଲ୍ଲଂଘନ

**କେନ୍ଦୁଝର ସଦର ତହସିଲ**

**ମାଷ୍ଟରପ୍ଲାନ୍‌କୁ ଅଣଦେଖା କରି ପ୍ଲଟିଂ**

କେନ୍ଦୁଝର,୧୨ା୫(ସ୍ୱ.ପ୍ର.)

କେନ୍ଦୁଝର ସଦର ତହସିଲରେ ରେରା (ରିୟଲ ଷ୍ଟେଟ୍ ରେଗୁଲେଟରି ଅଥରିଟି) ଆଇନ ଉଲ୍ଲଂଘନ ହେଉଛି। ମାଷ୍ଟର ପ୍ଲାନ୍‌କୁ ଅଣଦେଖା କରାଯାଇ ଜମି କିଣାବିକା କରାଯାଉଛି। ସ୍ୱତନ୍ତ୍ର ଯୋଜନା ଅଧିକାରୀ ଅବସର ଗ୍ରହଣ କରିବାର କିଛି ଦିନ ପୂର୍ବ(୧୬ ଫେବୃୟାରୀ ୨୦୨୩)ରୁ ଜମି ଭାଗ ଭାଗ କରି ବିକ୍ରି ପାଇଁ ଏକାଧିକ ଚିଠି କରିବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ପ୍ରକାଶ ଯେ, ରେରା ଆଇନ ଅନୁଯାୟୀ କୌଣସି ପ୍ଲଟ୍‌କୁ ବିନା ଯୋଜନା ପ୍ରାଧିକରଣ ଅନୁମତିରେ ଭାଗ ଭାଗ କରି କିଣାବିକା କରାଯାଇପାରିବ ନାହିଁ। ତେବେ କେନ୍ଦୁଝର ସହର ଓ ଆଖପାଖ ମୌଜାରେ ଥିବା ଜମିକୁ ବିନା ଅନୁମତିରେ ଭାଗ କରି ବିକ୍ରି କରାଯାଉଥିବାରୁ ରେରା ଆଇନର ଉଲ୍ଲଂଘନ ହେଉଛି। ଅନେକ ସମୟରେ ଟାଉନ ପ୍ଲାନିଂ ଅଥରିଟି ଝିଅ ବାହାଘର, ମେଡିକାଲ ଚିକିତ୍ସା, ଉଚ୍ଚ ଶିକ୍ଷା ଆଦି କାରଣ ଦର୍ଶାଇ ଅନୁମତି ପ୍ରଦାନ କରି ସବ୍ ରେଜିଷ୍ଟ୍ରାର ଅଫିସକୁ ଜଣାଉଛନ୍ତି। ମାତ୍ର ଜମି କିଣାବିକାର କାରଣ ଯାଞ୍ଚ କରାଯାଉନାହିଁ କିମ୍ବା ଏହାର ସୂଚନା ସଦର ତହସିଲକୁ ଦିଆଯାଉନାହିଁ। ଫଳରେ ମିଥ୍ୟା କାରଣ ଦର୍ଶାଇ ଜମି କିଣାବିକା ହେଉଛି। ଜିଲାପାଳ ସ୍ୱତନ୍ତ୍ର ଯୋଜନା ପ୍ରାଧିକରଣର ଅଧ୍ୟକ୍ଷ ହୋଇଥିଲେ ବି ପ୍ରାଧିକରଣ ଅନୁମତି କପି ଜିଲାପାଳଙ୍କୁ ଦେଉ ନ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି। ଜମି ଭାଗ କରି ବିକ୍ରି କରିବା ପାଇଁ ହେଲେ ରେରା ଅନୁଯାୟୀ ରାସ୍ତା, ଡ୍ରେନେଜ୍ ବ୍ୟବସ୍ଥା, ପରିବେଶ ସୁରକ୍ଷା ଏବଂ ରହିବାକୁ ଥିବା ଲୋକମାନଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଯାଞ୍ଚ କରି ଅନୁମତି ଦିଆଯାଇଥାଏ। ତେବେ ସେ ସବୁ ବ୍ୟବସ୍ଥା ଜମି ମାଲିକ ନ କରି ନିଜ ସୁବିଧା ମୁତାବକ ରାସ୍ତାଘାଟ କରି ପ୍ଲଟିଂ କରି ବିକୁଛନ୍ତି। ଏହି କାର୍ଯ୍ୟକୁ ତଦାରଖ କରିବା ଟାଉନ ପ୍ଲାନିଂ ଅଥରିଟିର ହୋଇଥିବା ବେଳେ ଏହା ହେଉନାହିଁ। ଆଇନ ଉଲ୍ଲଂଘନ ହୋଇ ସଦର ତହସିଲର ଅଲଣାପଦା, ରାଙ୍କି, ବାଁପାର, ଗୁମୁରା, ବାହ୍ମଣୀଗାଁ, ନୂଆଗାଁ, ମାଳିଗାଁ, ନରଣପୁର ଆଦି ମୌଜାରେ ବେଧଡ଼କ ଜମି କିଣାବିକା ଚାଲିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଧିକାରୀଙ୍କ ମୁଖା ଖୋଲିବ ବୋଲି ମତପ୍ରକାଶ ପାଇଛି।

ନିକଟରେ ଅବସର ନେଇଥିବା ସ୍ୱତନ୍ତ୍ର ଯୋଜନା ପ୍ରାଧିକରଣର ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି, ତାଙ୍କ ସମୟରେ ରେରା ଆଇନ ଉଲ୍ଲଂଘନ କରି କୌଣସି ବେଆଇନ କିଣାବିକା ହୋଇନାହିଁ। ତଦନ୍ତ ହେଲେ ସବୁ ଜଣାପଡ଼ିବ। ନିୟମାନୁଯାୟୀ ଯେଉଁ ଉଦ୍ଦେଶ୍ୟ ପାଇଁ ଜମି କିଣାଯାଇଥିବ ସେହି କାମରେ ହିଁ ଜମିର ବ୍ୟବହାର ହୋଇପାରିବ। କିନ୍ତୁ ଅନେକ ସ୍ଥାନରେ ରିସର୍ଟ, ପାର୍କ, ଜନସାଧାରଣଙ୍କ ଉଦ୍ଦେଶ୍ୟରେ କିଣାଯାଇ ପରବର୍ତ୍ତୀ ସମୟରେ ଘରବାଡ଼ିରେ ପରିଣତ କରାଯାଇ ପ୍ଲଟିଂ (ଭାଗଭାଗ) କରି ବିକ୍ରି ହେଉଛି। ଏହାର ତଦନ୍ତ ହେଲେ ବେଆଇନ କାରବାର ପଦାକୁ ଆସିପାରିବ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ଅଭିଯୋଗର ତଦନ୍ତ ହେବ ବୋଲି ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି।

## ନର୍ସିଂ କଲେଜରେ ସେବିକା ଦିବସ ପାଳିତ



ସେବିକା ଓ ଅତିଥିମାନେ।

କେନ୍ଦୁଝର,୧୨ା୫(ଡି.ଏନ୍.ଏ.)

କେନ୍ଦୁଝର ସଦର ବ୍ଲକ୍ ଡିମ୍ବୋସ୍ଥିତ କେନ୍ଦୁଝର ନର୍ସିଂ କଲେଜରେ ଶୁକ୍ରବାର ସେବିକା ଦିବସ ପାଳିତ ହୋଇଯାଇଛି। ଏଥିରେ ସମସ୍ତ ସେବିକା ଛାତ୍ରୀମାନଙ୍କ ଗହଣରେ ଅଧ୍ୟକ୍ଷା ଋତୁପର୍ଣ୍ଣା ପ୍ରିୟଦର୍ଶିନୀ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସଭାପତି ଇଂ. ଜିତେନ କ୍ରୀଷ୍ଣାରାମ ଦାନୀ, କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷ ଇଂ. ମୃତ୍ୟୁଞ୍ଜୟ ନାୟକ, ବରିଷ୍ଠ ଅଧ୍ୟାପକ ଲୋକନାଥ ସାହୁ, ଅଧ୍ୟାପକ ତନ୍ମୟ କୁମାର ସାହୁ ଯୋଗଦାନ କରିଥିଲେ। ସମସ୍ତ ଛାତ୍ରୀ ମହମବତୀ ପ୍ରଜ୍ୱଳନ କରି ଭବିଷ୍ୟତରେ ସେବିକାର ସମସ୍ତ ଧର୍ମ ତୁଲାଇବା ପାଇଁ ଶପଥ ଗ୍ରହଣ କରିଥିଲେ। ଅଧ୍ୟାପକ ତନ୍ମୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସାମାଜିକ ପ୍ରତିବଦ୍ଧତା ନ ରହିଲେ ଜୀବନର ମୂଲ୍ୟବୋଧ ନଷ୍ଟ ହୋଇଯାଏ'




ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଅଫିସ,୧୨ା୫(ସ୍ୱ.ପ୍ର.)

ସାମାଜିକ ପ୍ରତିବଦ୍ଧତା ନ ରହିଲେ ବ୍ୟକ୍ତି ଜୀବନର ମୂଲ୍ୟବୋଧ ନଷ୍ଟ ହୋଇଯାଏ ବୋଲି ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଂଗଠନ ନାରାୟଣ ପ୍ରସାଦ କର ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୁତାରଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ଡ଼. ରାମଚନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନୀତ ଅତିଥିଭାବେ ନୂଆ ସକାଳର ପ୍ରତିଷ୍ଠାତା ଇଂ. ଅବନ୍ତି ମଲ୍ଲିକ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ, ଖବରଦାତା ତଥା ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ରବିନାରାୟଣ ଖିଲାର, ସମ୍ପାଦକ ଆଧାପକ ନିହାର ରଞ୍ଜନ କର ପ୍ରାରମ୍ଭିକ ସୂଚନା ପ୍ରଦାନ, ଟ୍ରଷ୍ଟର ପ୍ରତିଷ୍ଠାତା ଅବନ୍ତି କର,ସଦସ୍ୟ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଆଧାପକ ମାଧବ ଚନ୍ଦ୍ର ଜେନା ବାର୍ଷିକ ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ଆଖଣ୍ଡଳମଣୀ କଲେଜର ଅଧ୍ୟକ୍ଷ ଦିଲ୍ଲୀପ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାବିତ ବ୍ରଜ ମୋହନ ମିଶ୍ର, ହରେକୃଷ୍ଣ ନାୟକ, ଗୀତିକବି ପୀତାମ୍ବର ମିଶ୍ର, ଇଂ. ଅମ୍ବିକା ସ୍ୱାଇଁ, ଶିକ୍ଷାବିତ ସୁରେନ୍ଦ୍ର ମହାନ୍ତି, ଗଗନ ବିହାରୀ ରାଉତ, ଉମାକାନ୍ତ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପୀତବାସ ସନ୍ଧିବିଗ୍ରହ, କାବ୍ୟ ଭାରତୀ ସଦାଶିବ ଦାସ, ପାଲା ଗାୟକ ଲକ୍ଷ୍ମଣ ଚରଣ ରାଉତ, କବୟିତ୍ରୀ ଶାନ୍ତିଲତା ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗୀତଜ୍ଞ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। କଣ୍ଠଶିଳ୍ପୀ ଶଶୀକଳା ମିଶ୍ର, ସୋମାମି ଲେଙ୍କା ଉଦଯାପନୀ ସଂଗୀତ ଗାନ କରିଥିଲେ। ଦୀପାଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନାରାୟଣ ପ୍ରସାଦ କରଙ୍କ ଦ୍ୱାରା ପ୍ରତିଷ୍ଠିତ ଜଙ୍ଗଲରାଜା ବାଘ ମାମୁଁ ଓ ସ୍ୱରାଜବାର୍ତ୍ତାର ପାଠକ ସଂଖ୍ୟା ଲୋକାର୍ପଣ କରାଯାଇଥିଲା।

## ଅବସରପ୍ରାପ୍ତ ଅଧ୍ୟାପକଙ୍କ ଘରୁ ଚୋରି

ଗୋପବନ୍ଧୁ ନଗର,୧୨ା୫(ଡି.ଏନ.ଏ.)

ଖୁଣ୍ଟା ଥାନା ତଥା କୁଆମରା ଫାଣ୍ଡି ଅନ୍ତର୍ଗତ କସୁମିଆ ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ର କୁମାର ମଟ୍ଟୁଆଲଙ୍କ ଘରେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଘର ମଧ୍ୟରେ ଗଡରେଜରେ ଥିବା ସମସ୍ତ ସୁନା ଅଳଙ୍କାର ସହ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ମଟ୍ଟୁଆଲ ଥାନାରେ ଅଭିଯୋଗ କରିଛନ୍ତି। ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ଛାନଭିନ ଆରମ୍ଭ କରିଛି। ୪/୫ ଦିନ ପୂର୍ବରୁ ଘରେ ତାଲା ପକାଇ ରବିନ୍ଦ୍ର ତାଙ୍କ ପରିବାର ସହ କୌଣସି କାମରେ ବାଲେଶ୍ୱର ଯାଇ ସମ୍ପର୍କୀୟଙ୍କ ଘରେ ଥିଲେ। ତେବେ ଶୁକ୍ରବାର ସକାଳେ ଘର ତାଲା ଭଙ୍ଗା ଯାଇଥିବା ଦେଖି ପଡ଼ୋଶୀମାନେ ତାଙ୍କୁ ଖବର ଦେଇଥିଲେ।

## ସୁନ୍ଦରପୁର ରଜ ମହୋତ୍ସବ ପ୍ରସ୍ତୁତି

ଖଇରା, ୧୨ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁରଠାରେ ପାଳିତ ହୋଇ ଆସୁଥିବା ବ୍ଲକସ୍ତରୀୟ ରଜ ମହୋତ୍ସବ ଚଳିତବର୍ଷ ଧୁମ୍‌ଧାମ୍‌ରେ ପାଳିତ ହେବ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ରବିବାର ସୁନ୍ଦରପୁର ସ୍କୁଲ ପଡିଆରେ ମହୋତ୍ସବ କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉପଦେଷ୍ଟା ଡା. ହରେକୃଷ୍ଣ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ସମସ୍ତ ପ୍ରକାର ସହାୟତା ପାଇଁ ପ୍ରତିଶ୍ରୁତି ଦେବା ସହ ଲାଇଟପୋଷ୍ଟ ଓ ଶୌଚାଳୟ ପାଇଁ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଚଳିତବର୍ଷ ମହୋତ୍ସବ ୧୩ରୁ ଆରମ୍ଭ ହୋଇ ୧୬ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ଦିବସରେ ମା' ତାରିଣୀ ୟୁଥ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିସହ ରଜ କୁଇନ ତଥା ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ନୟାଖଣ୍ଡି ସରପଞ୍ଚ ମମତା ବେହେରା, ସମିତିସଭ୍ୟା ସୋନାଲି ଶତପଥି, କଇଥଗଡିଆ ସରପଞ୍ଚ ଅନୀତା ପାଇକରାୟ ଓ ସମିତିସଭ୍ୟ ନରୋତ୍ତମ ମହିମା ଜେନା, କମିଟି ସମ୍ପାଦକ ବସନ୍ତ କୁମାର ପାଢୀ, ପ୍ରଭାତ କୁମାର ନାୟକ, ସହ ସମ୍ପାଦକ ବାଲ୍ମିକୀ ନାୟକ, କୋଷାଧ୍ୟକ୍ଷ ସୌଭାଗ୍ୟ ସାହୁ, ନରହରି ନାୟକ, ଶମ୍ଭୁନାଥ ବେହେରା, ପୀତାମ୍ବର ନାୟକ, କୈଳାସ ବେହେରା, ଗଜେନ୍ଦ୍ର ମହାନ୍ତି, ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଲକ୍ଷ୍ମୀଧର ରାଉଳ, ଲକ୍ଷ୍ମୀଧର ବେହେରା, ରବି ଯେନା, ଶଶିକାନ୍ତ ଦାସ, ପ୍ରଶାନ୍ତ କୁମାର ଦାସ, ଚନ୍ଦ୍ରକାନ୍ତ କୁଅଁର, ପ୍ରହ୍ଲାଦ ରାୟ, ବରେନ୍ଦ୍ର ନାୟକ, ଶମ୍ଭୁନାଥ ସେଠୀ ତଥା ତାରିଣୀ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା

ପଦ୍ମପୁର,୧୨ା୫(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ସୁଗୋ ପଞ୍ଚାୟତର ଜେନାସାହି ଗ୍ରାମର ଜଣେ ଯୁବତୀ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସନ୍ଧ୍ୟାରାଣୀ ମହାକୁଡ଼। ଗୁରୁବାର ଘରେ ରୋଷେଇ ସାରି ସେ ନିଜ ଭାଇ ଓ ମା'ଙ୍କ ସହ ଖାଇଥିଲେ। ପରେ ତାଙ୍କ ମା' ଓ ଭାଇ ଗ୍ରାମରେ ଥିବା ଅନ୍ୟ ଏକ ଘରକୁ କିଛି କାମ ପାଇଁ ଯାଇଥିଲେ। ମା' କିଛି ସମୟ ପରେ ଘରକୁ ଫେରି ଘରେ ସନ୍ଧ୍ୟାକୁ ବେକରେ ପିନ୍ଧିଥିବା ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ବାସୁଦେବପୁର ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୮/୨୩) ରୁଜୁ ହୋଇଛି।

## ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ

ଯୋଡ଼ା,୧୨ା୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିଲେଇପଦା ଗ୍ରାମରେ ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇଥିବା ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବା ସହ ବୈଠକ ପାଲାର ଆୟୋଜନ କରାଯାଇଥିଲା। ଚାରି ଦିନ ଧରି ବିଲେଇପଦା ତଥା ଆଖ ପାଖ ଅଞ୍ଚଳରୁ ଶ୍ରଦ୍ଧାଳୁ ଯୋଗଦେଇ ଏକ ଆଧ୍ୟାତ୍ମିକ ପରିବେଶର ଆନନ୍ଦ ଉଠାଇଥିଲେ। ଏଥିରେ ଚମକପୁର ଦଣ୍ଡପାଟର ପୁରହିତ ମନୋଜ କର ଏବଂ ବୈଷ୍ଣବ ଶୁକ୍ରା ଦାସ ପୂଜା ଅର୍ଚ୍ଚନା କରିଥିବା ବେଳେ ଅତିଥିଭାବେ ଟାଟା ଷ୍ଟିଲ ଯୋଡ଼ାର ମୁଖ୍ୟ ସରୋଜ ବାନାର୍ଜୀ ଯୋଗଦେଇଥିଲେ। ଆର୍.ସୋମନାଥ, ଆର୍.ଆର୍ ମାନଚାନ୍ଦା, ସରୋଜ ମାନଚାନ୍ଦା, ରାଜଶ୍ରୀ ନାଗରାଜେନ, ମିଲି ନନ୍ଦ, ଦୀପ୍ତିମୟୀ ପ୍ରଧାନ, ନୂତନ ପଣ୍ଡିତ, ବିରିକଳା ସରପଞ୍ଚ ମୁଖ ନାଏକ, ସମିତି ସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆ, ନାଏବ-ସରପଞ୍ଚ କୁନ୍ତଳା ଖିଲାର୍, ଦେଓଝର ସରପଞ୍ଚ ଧ୍ରୁବ ନାଏକ, ଗୌତମ ବେହେରା, ପୂର୍ଣ୍ଣ ନାଏକ, ପ୍ରଭା ନାଏକ, ସୁଦେଶ କରୁଆ(ଜେ.ଏସ.ପି.ଏଲ), ଅଜିତ୍ ନାଏକ(ସି.ଆଇ.ଏ.ଏଲ), ଯୁଧିଷ୍ଠିର ପଲେଇ, ଈଶ୍ୱର ଗିରି, ଡମ୍ବରୁ କୁଦାଦା ପ୍ରଭୃତି ଅତିଥିଭାବେ ଯୋଗଦେଇ ଥିବା ବେଳେ ହରେ କୃଷ୍ଣ ୟୁଥ୍ କ୍ଲବ୍‌ର ସଭାପତି ବିଷ୍ଣୁ ଖିଲାର୍, ମହେନ୍ଦ୍ର ଘଣା, ରାଜା ମହାକୁଡ଼, ମୋହନ ବାରିକ, ମୁକେଶ ଖିଲାର୍, ଅଲେଖ ପଲେଇ, ସୁରେନ୍ଦ୍ର ବାରିକ, ଦୁଷ୍ମନ୍ତ ଖିଲାର୍, ରବି ଖିଲାର୍, ହିତେଶ ଖିଲାର୍, ଚତୁର୍ଭୁଜ ଖିଲାର୍, ହେମନ୍ତ ଘଣା, ଶରତ ମହାକୁଡ଼ ବିଶିକେଶନ ଖିଲାର୍ ପ୍ରଭୃତି ସହଯୋଗ କରିଥିଲେ।

## ଏଏସ୍‌ଆଇ ସ୍ତରରେ ଅଦଳବଦଳ

ବାରିପଦା ଅଫିସ,୧୨ା୫

ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୦୨ ଅନୁଯାୟୀ କାର୍ଯ୍ୟରତ ୧୧ଜଣ ଏଏସ୍‌ଆଇଙ୍କୁ ଅଦଳବଦଳ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବାରିପଦା ଟାଉନ ଥାନାରେ ଥିବା ଏଏସ୍‌ଆଇ ଗଙ୍ଗାଧର ବେହେରାଙ୍କୁ ରାଇରଙ୍ଗପୁର ଏସ୍‌ଡିପିଓ ଅଫିସ, ଝାରପୋଖରିଆ ଥାନା ଏଏସ୍‌ଆଇ ରମେଶ ମାଝିଙ୍କୁ ଜମ୍ବିରା ଆଉଟପୋଷ୍ଟ, ଜମ୍ବିରା ଆଉଟପୋଷ୍ଟର ଏଏସ୍‌ଆଇ ଚିତ୍ତ ରଞ୍ଜନ ଶତପଥୀଙ୍କୁ ବାରିପଦା ଟାଉନ ଥାନା, ରାସଗୋବିନ୍ଦପୁର ଥାନାର କାର୍ତ୍ତିକ ଚନ୍ଦ୍ର ସିଂଙ୍କୁ କୁଲିଅଣା, ଉଦଳା ଥାନାର ଲିଟାରାମ ସୋରେନଙ୍କୁ କୁଣ୍ଡାବାଇ ଆଉଟପୋଷ୍ଟ, ରାଇରଙ୍ଗପୁର ଟାଉନ ଥାନାର ଚିତ୍ତ ରଞ୍ଜନ ବାରିକକୁ ଖୁଣ୍ଟା ଥାନା, କରଞ୍ଜିଆ ଏସ୍‌ଡିପିଓ ଅଫିସରେ ଥିବା ନୌସାଦ ଅଲ୍ଲୀଖାନଙ୍କୁ ଯଶିପୁର କୋର୍ଟ, ଯଶିପୁର ଥାନାର ସରୋଜ ସାହୁଙ୍କୁ କରଞ୍ଜିଆ କୋର୍ଟ, ଡିଆଇବି ସଦର ବାରିପଦାର ବିକର୍ତ୍ତନ ଲେଙ୍କାଙ୍କୁ କରଞ୍ଜିଆ ଏସ୍‌ଡିପିଓ ଅଫିସ, ମୁଖ୍ୟାଳୟରେ ଥିବା କଦଣ୍ଡ ସେଠୀଙ୍କୁ ଉଦଳା ଥାନା ଓ ଉପେନ୍ଦ୍ର ଗୋଚ୍ଛାୟତଙ୍କୁ କୁଆମରା ଆଉଟପୋଷ୍ଟକୁ ବଦଳି କରାଯାଇଛି। ବଦଳି ହୋଇଥିବା ଅଫିସରମାନେ ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସବ୍‌ଡିଭିଜନ ପାଇଁ ଜଳେଶ୍ୱର ବନ୍ଦ ଡାକରା

ରାଇବଣିଆ, ୧୨ା୫

ବାଲେଶ୍ୱର ଜିଲା ଜଳେଶ୍ୱରକୁ ସବ୍‌ଡ଼ିଭିଜନ ମାନ୍ୟତା ପାଇଁ ତେଜୁଛି ଅସନ୍ତୋଷ। ୩ ମାସ ତଳେ ବଡ଼ବଜାରଠାରୁ ୧୦ ହଜାର ଦସ୍ତଖତ ସମ୍ବଳିତ ଦାବିପତ୍ର ନେଇ ବାଇକ୍ ରାଲିରେ ଯୁବକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ସରକାର ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ଉକ୍ତ ଦାବିକୁ ଅଧିକ ଶାଣିତ କରିବାକୁ ଶୁକ୍ରବାର ଜଳେଶ୍ୱର ସଚେତନ ଯୁବ ଓ ଛାତ୍ର ସଙ୍ଗଠନ ଏକାଠି ହୋଇ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୨୨ ତାରିଖରେ ଜଳେଶ୍ୱର ବନ୍ଦ ଡାକରାକୁ ସଫଳ କରିବାକୁ ନିବେଦନ କରିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ପୂର୍ବାହ୍ନ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିବା ବେଳେ ଯୁବ ଛାତ୍ର ସଙ୍ଗଠନର କାଳିଚରଣ ଦାସ, ଚନ୍ଦନ କର, ବ୍ରଜମୋହନ ପ୍ରଧାନ, ସତ୍ୟଶୋଭନ ମିଶ୍ର ଓ ରାସବିହାରୀ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଜଳେଶ୍ୱର, ବସ୍ତା, ବାଲିଆପାଳ, ଭୋଗରାଇ ଅଞ୍ଚଳର ବିଭିନ୍ନ ସଙ୍ଗଠନକୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି।




ଜନ ସଚେତନତା କାର୍ଯ୍ୟକ୍ରମ।

## ଶ୍ରମିକଙ୍କ ନିରାପତ୍ତା, ସ୍ୱାସ୍ଥ୍ୟ ରକ୍ଷା ସଚେତନତା ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ, ୧୨ା୫

ବାଲେଶ୍ୱର ସହର ଉପକଣ୍ଠ ବାମପଦାସ୍ଥିତ ନୋସି ବିଜନେସ ପାର୍କଠାରେ ଇଣ୍ଡୋ-ଜର୍ମାନ ଫୋକାଲ ପଏଣ୍ଟ (ଆଇଜିଏଫ୍‌ପି) ସଙ୍ଗଠନ ପକ୍ଷରୁ ଶ୍ରମିକମାନଙ୍କ ନିରାପଦ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ସହିତ ଶୂନ୍ୟ କ୍ଷତି ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶ୍ରମ ଓ ଶ୍ରମିକ ବୀମା ବିଭାଗ, ବାଲେଶ୍ୱର ଜିଲା ପ୍ରଶାସନ, ଉତ୍ତର ଓଡ଼ିଶା ଶିଳ୍ପ ମହାସଂଘ (ନୋସି), ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ଓ ଜର୍ମାନ ସାମାଜିକ ଦୁର୍ଘଟଣା ବୀମା (ଡିଜିୟୁଭି) ସଙ୍ଗଠନ ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରମିକମାନଙ୍କ ନିରାପତ୍ତା ଓ ସ୍ୱାସ୍ଥ୍ୟ ରକ୍ଷା କେବଳ ଆଲୋଚନାରେ ସୀମିତ ନ ରହି ବାସ୍ତବ କ୍ଷେତ୍ରରେ କାର୍ଯ୍ୟାନ୍ୱିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଜିଏଫ୍‌ପିର ନିର୍ଦ୍ଦେଶକ ବିକେ ସାହୁ ପ୍ରାରମ୍ଭିକ ସୂଚନା ଦେଇ ଉତ୍ତରଓଡ଼ିଶାର ଶିଳ୍ପାନୁଷ୍ଠାନ ସହିତ ଔଦ୍ୟୋଗିକ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଏଥିରେ ଜଡିତ ସମସ୍ତ ଅନୁଷ୍ଠାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଶ୍ରମ ଓ ଶ୍ରମିକ ବୀମା ବିଭାଗ ପ୍ରମୁଖ ସଚିବ ଆର୍ ଶାନ୍ତନାଗୋପାଳନ ଭିଡ଼ିଓ କନଫରେନ୍ସରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଇଏସ୍‌ଆଇ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଉପସଚିବ ନିରଞ୍ଜନ ଜେନା ଓ ରାଜ୍ୟ ଶ୍ରମିକ ବୀମା ବିଭାଗ ଆରଡ଼ି ପାର୍ଥସାରଥୀ ପଣ୍ଡା, ନୋସି ସଭାପତି ପିକେ ଡାଭେ ଓ ସମ୍ପାଦକ ଚନ୍ଦ୍ରପ୍ରକାଶ ଭରତିଆ ଯୋଗଦେଇଥିଲେ।



କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ପରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଶିଳ୍ପାନୁଷ୍ଠାନ ବିପଦ ଏବଂ କେମିକାଲ, ବାୟୋଲୋଜିକାଲ, ରେଡିଓଲୋଜିକାଲ ଓ ନ୍ୟୁକ୍ଲିୟର ବିଭାଗ ଜେନେରାଲ ମ୍ୟାନେଜର ଡ. ମଳୟ କୁମାର ପ୍ରଧାନ, ଆଇଏସ୍‌ଏସ୍‌ଏର ସେକ୍ରେଟାରୀ ଜେନେରାଲ ସିଗ୍ରିଡ ରୋଥ, ଏଲ ଆଣ୍ଡ୍ ଟିର ପରିବେଶ, ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଭାଗ ମୁଖ୍ୟ ଡ. କ୍ରିଷ୍ଣା ନିର୍ମାଲ୍ୟ ସେନ, କଲ୍ୟାଣୀ ବିଶ୍ୱବିଦ୍ୟାଳୟର ଶରୀର ଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଫେସର ଶୁଭାଶିଷ ସାହୁ, ଟାଟା ଷ୍ଟିଲ ଫେରୋ ଆଲଏଜ୍ ବୈଷୟିକ ବିଭାଗ ସିନିୟର ମ୍ୟାନେଜର ଆଶିଷ ଶତପଥୀ, ମାନବ ସମ୍ବଳ ଉପଦେଷ୍ଟା ତଥା ବ୍ୟବସାୟିକ ପ୍ରତିଷ୍ଠାନ ପ୍ରଶିକ୍ଷକ ଡ. ଅଶୋକ କୁମାର ସାହୁ ପ୍ରମୁଖ ଶ୍ରମିକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୩ ମେ, ୨୦୨୩

**ଦୋକାନରୁ ଚୋରି ଅଭିଯୋଗ**

ବାସୁଦେବପୁର,(ଡି.ଏନ.ଏ.)- ବାସୁଦେବପୁର ବ୍ଲକ ଅଧୀନ କିସ୍ମତକୃଷ୍ଣପୁର ପଞ୍ଚାୟତର ନଳବାଙ୍କ ଛକଠାରେ ଗୁରୁବାର ରାତିରେ ଏକ ଦୋକାନରୁ ଚୋରି ହୋଇଥିବା ନାୟକାଣିଡିହୀ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଛକରେ ଥିବା ରମେଶ ଚନ୍ଦ୍ର ପଣ୍ଡାଙ୍କ ଦୋକାନ ଭାଙ୍ଗି ଚୋରମାନେ ନଗଦ ୧୦ ହଜାର ଟଙ୍କା ସମେତ ଦୋକାନ ସାମଗ୍ରୀ ଚୋରି କରି ନେଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଜରିଆରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଚୋରିରେ ସ୍ଥାନୀୟ ବ୍ୟକ୍ତିଙ୍କ ହାତ ଥିବା ଅନୁମାନ କରାଯାଉଛି।



## ସଂକ୍ଷେପରେ

### ଗାଁ ନିକଟରେ ବୁଲୁଛି ଭାଲୁ



କେନ୍ଦୁଝର,୧୨।୫(ସ୍ୱ.ପ୍ର.): କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ଯୋଗୀମଠ ଗାଁ ନିକଟରେ ଭାଲୁ ବୁଲୁଛି। ଲୋକେ ଦେଖି ହୋ ହାଲ୍ଲା କରି ଗୋଡ଼ାଇବାରୁ ଭାଲୁଟି ପଥ ଭ୍ରଷ୍ଟ ହୋଇ ଚାଷ ଜମି ଦେଇ ବନ ବିଭାଗ ନର୍ସରୀରେ ପଶିଯାଇଛି। ବନ ବିଭାଗ କର୍ମଚାରୀ ପହଞ୍ଚି ନର୍ସରୀକୁ କର୍ଡନ କରି ରଖିଛନ୍ତି। ଗାଁ ନିକଟରେ ଭାଲୁ ବୁଲୁଥିବାରୁ ଲୋକେ ଭୟଭିତ ହୋଇପଡ଼ିଛନ୍ତି। ଭାଲୁଟିକୁ ସୁରକ୍ଷିତ ଭାବେ ନର୍ସରୀରେ ରଖାଯାଇଛି। ଭାଲୁର ସୁରକ୍ଷା ପାଇଁ ବନ ବିଭାଗ କର୍ମଚାରୀମାନେ ଦିନ ତମାମ ଜଗି ରହିଛନ୍ତି। ରାତିରେ ଜଙ୍ଗଲକୁ ଆପେ ପଳାଇବ ବୋଲି ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି।

### ବାତିଲ୍ ହେଲା ପଞ୍ଚାୟତ ସମିତି ବୈଠକ

### କୋରମ ଅଭାବ

ଠାକୁରମୁଣ୍ଡା,୧୨।୫(ଡି.ଏନ.ଏ.)- କୋରମ୍ ଅଭାବରୁ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ପଞ୍ଚାୟତ ସମିତି ବୈଠକ ବାତିଲ ହୋଇଯାଇଛି। ନିର୍ଦ୍ଧାରତ ସମୟରେ ପଞ୍ଚାୟତ ସମିତି ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ସଭାଗୃହରେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡାଙ୍କ ଅଧକ୍ଷତାରେ ବୈଠକ ଆରମ୍ଭ ହୋଇଥିଲା। ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ, ବିଡିଓ ଶ୍ୟାମସୁନ୍ଦର ଟୁଡୁ, ସହକାରୀ ଯନ୍ତ୍ରୀ ସଦାଶିବ ବେହେରାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ଆସି ବୈଠକରେ ଉପସ୍ଥିତ ରହିଥିଲେ। ମାତ୍ର ବୈଠକ ଆରମ୍ଭ ହେବାର ଦୀର୍ଘ ସମୟ ପର୍ଯ୍ୟନ୍ତ ସମସ୍ତ ୧୮ଟି ପଞ୍ଚାୟତର ସରପଞ୍ଚ, ୨ ଜିଲା ପରିଷଦ ସଦସ୍ୟଙ୍କ ସମେତ ୯ଜଣ ସମିତି ସଭ୍ୟ ଆସି ନ ଥିଲେ। କେବଳ ୯ଜଣ ସମିତି ସଭ୍ୟ ଉପସ୍ଥିତ ଥିଲେ। ଶେଷରେ କୋରମ ଅଭାବରୁ ବ୍ଲକ ଅଧକ୍ଷା ବୈଠକକୁ ସ୍ଥଗିତ ରଖାଯିବା ନେଇ ଘୋଷଣା କରିଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ ବୋଲି ଅଧକ୍ଷ କହିଛନ୍ତି।

### ଜୁନ୍ ୧୨ରେ ଆନନ୍ଦେଶ୍ୱର ମନ୍ଦିରରେ ସାମୂହିକ ବ୍ରତୋପନୟନ

ପାଟଣା,୧୨।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ପ୍ରାଚିନ ଆନନ୍ଦେଶ୍ୱର ଶିବ ମନ୍ଦିର ପକ୍ଷରୁ ଜୁନ୍ ୧୨ ରେ ଏକ ସାମୁହିକ ବ୍ରତୋପନୟନର ଆୟୋଜିତ ହେଉଛି। ଏଥି ପାଇଁ ବ୍ରହ୍ମଚାରୀଙ୍କ ସମସ୍ତ ଖର୍ଚ୍ଚ ମନ୍ଦିର କମିଟି ବହନ କରିବ। ଜିଲା ତଥା ରାଜ୍ୟରେ ବିଭିନ୍ନ ସ୍ଥାନରେ ବ୍ରାହ୍ମଣ ସନ୍ତାନମାନେ ଅର୍ଥ ଅଭାବରୁ ବ୍ରତ ହୋଇପାରୁ ନ ଥିବାରୁ ମନ୍ଦିର ତରଫରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବ୍ରତଘର ସକାଶେ ପୂଜା ସାମଗ୍ରୀ, ପୋଷାକ, ମୁକୁଟ, ହୋମଯଜ୍ଞ, ପୂଜକ ଓ ବ୍ରାହ୍ମଣ ଭୋଜନ ସମସ୍ତ ଖର୍ଚ୍ଚ ମନ୍ଦିର କମିଟି ତରଫରୁ ବହନ କରାଯିବା ବୋଲି ସୂଚନା ଦିଆଯାଇଛି। ରଜ୍ୟର ବିଭିନ୍ନ କୋଣ ଅନୁକୋଣରେ ଥିବା ବ୍ରାହ୍ମଣ ସନ୍ତାନଙ୍କ ଅଭିଭାବକମାନେ ଜୁନ୍ ୧ ତାରିଖ ମଧରେ ସମସ୍ତ ଠିକଣା ସହ ୯୪୩୭୫୬୭୪୯୬୬ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପାଇଁ ମନ୍ଦିର କମିଟି ତରଫରୁ କୁହାଯାଇଛି।

### ଡାକମେଳା ପାଇଁ ଉପକୃତ ହେଲେ ପଞ୍ଚାୟତବାସୀ

ଭୋଗରାଇ,୧୨।୫(ଡି.ଏନ.ଏ.) ଡାକସେବା ଅଦ୍ୟାବଧି ଲୋକଙ୍କୁ ନିରବିଚ୍ଛିନ୍ନ ଭାବେ ସେବା ଯୋଗାଇଆସୁଛି। ଗ୍ରାମୀଣ ଡାକ ଜୀବନବୀମା ମାଧମରେ ସୁରକ୍ଷିତ ଜୀବନ ଓ ସୁନିଶ୍ଚିତ ସମୃଦ୍ଧି ପାଇଁ ଡାକ ବିଭାଗ ଆଗଭର ହୋଇଛି ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ମହେଶପୁର ପଞ୍ଚାୟତ ପକ୍ଷରୁ ମହେଶପୁର ଉନ୍ନୀତ ଉପ୍ରା ବିଦ୍ୟାଳୟରେ ଡାକମେଳା ଏବଂ ପ୍ରଶିକ୍ଷଣ ଶିବିରରେ ଅତିଥିମାନଙ୍କ ଦ୍ୱାରା ମତ ପ୍ରକାଶ ପାଇଛି। ସରପଞ୍ଚ ବରେନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଡାକ ବିଭାଗର ଜିଲା ମୁଖ୍ୟ ଜୟନ୍ତ କୁମାର ଦାସ, ଜଳେଶ୍ୱର ଡାକ ନିରୀକ୍ଷକ ସଦାଶିବ ରାଉତ, ବିଦ୍ୟାଳୟ ଶିକ୍ଷୟିତ୍ରୀ ମୀନତି ପ୍ରଧାନ, ଡାକବିଭାଗ ଅଧିକାରୀ ଯୁଗଳକୃଷ୍ଣ ପ୍ରଧାନ, କମଳାକାନ୍ତ ସିଂ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନା କରିଥିଲେ।

# ଅର୍ଥ ମଞ୍ଜୁର ପରେ ନିର୍ମାଣ ହେଉନି ବିଶ୍ରାମାଗାର

ଭଦ୍ରକ ଅଫିସ, ୧୨।୫

ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଅର୍ଥ ମହଜୁଦ ରହି ମଧ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ବିଶ୍ରାମାଗାର ନିର୍ମାଣ ହୋଇପାରୁନାହିଁ। ଏପରି ବ୍ୟତିକ୍ରମ ସୃଷ୍ଟି ହୋଇଛି ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅର୍ନ୍ତଗତ ଜାମବଣୀ ଛକରେ। ଆଗରପଡ଼ା-ବରପଦା ରାସ୍ତାର ଜାମମଣୀ ଛକଠାରେ ପୂର୍ବରୁ ଥିବା ବିଶ୍ରାମାଗାରଟି ଭଗ୍ନ ଅବସ୍ଥାରେ ରହିଛି। ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ଭିତରକୁ ପଶିବାକୁ ଭୟ କରୁଛନ୍ତି। ଖରା, ବର୍ଷାରେ ଠିଆହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ବାରମ୍ବାର ଏ ବିଷୟରେ ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ଜିଲାପାଳ ଏବଂ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କେହି ଦୃଷ୍ଟି ଦେଉନାହାନ୍ତି। ୨୦୨୦ରେ ପୂର୍ବତନ ଏମ୍‌ପି ସ୍ୱର୍ଗତ ଅର୍ଜ୍ଜୁନ ଚରଣ ସେଠୀଙ୍କ ଏମ୍‌ପି ପାଣ୍ଠିରୁ ଅନୁମୋଦିତ ୪ଲକ୍ଷ ଟଙ୍କାର ଅନୁଦାନ ରାଶିରେ ଏଠାରେ ଭଗ୍ନ ଅବସ୍ଥାରେ ଥିବା ବିଶ୍ରାମାଗାରଟିକୁ ଭାଙ୍ଗି ନୂତନ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବନ୍ତ ବ୍ଲକ ସହକାରୀ ଯନ୍ତ୍ରୀ ସୂଚନା ଦେଇଥିଲେ। ୩ବର୍ଷ ବିତିଯାଇଥିଲେ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭରୁ ଅଟକିଥିବା ଜଣାପଡ଼ିଛି। ବିଶ୍ରାମାଗାର ନିର୍ମାଣ ହେଉଥିବା ଜାଗାଟି ଭଦ୍ରକ ବ୍ଲକ ଅଧୀନରେ ଥିବାରୁ ବନ୍ତ ବ୍ଲକ ଅନୁଦାନ ରାଶି ଏହା ନିର୍ମାଣ ହେବାରେ ବାଧକ ସାଜିଛି। ଯାହାଫଳରେ ଅର୍ଥ ମହଜୁଦ ଥାଇ ମଧ ବିଶ୍ରାମାଗାର ନିର୍ମାଣ ହୋଇପାରୁନାହିଁ। ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବରୁ ଏହି ବିବାଦର ସମାଧାନ ଏପର୍ଯ୍ୟନ୍ତ ହୋଇପାରୁନାହିଁ। ସମସ୍ତ ବିବାଦର ସମାଧାନ କରି ଶୀଘ୍ର ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ଓଡ଼ଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଡ଼ିଆରୀ ଦାବି କରିଛନ୍ତି।



ଭଗ୍ନ ଅବସ୍ଥାରେ ଥିବା ବିଶ୍ରାମାଗାର।

# ମୋବାଇଲ ଲୁଟ୍: ଯୁବକ ଗିରଫ

## ବାଇକ୍ ସହ ୧୧ ମୋବାଇଲ ଜବତ

ସୋର, ୧୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ପେଟ୍ରୋଲ ପମ୍ପ ସମ୍ମୁଖରୁ ଗତ ୯ ତାରିଖ ରାତିରେ ହୋଇଥିବା ମୋବାଇଲ ଲୁଟ୍ ଘଟଣାରେ ପୋଲିସ ଗୁରୁବାର ରାତିରେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗତ ୯ ତାରିଖ ରାତିରେ ଦହିସଡ଼ା ଗ୍ରାମର ସୁଦୀପ ବେହେରା ବାଇକ ଯୋଗେ ବିଦୁ ଯାଉଥିବା ବେଳେ ଏହି ପେଟ୍ରୋଲ ପମ୍ପ ନିକଟରେ ବାଇକ୍(ନଂ. ଓଡ଼ି୨୨ଯୁ-୩୮୨୮)ରେ ଗଞ୍ଜାମ ଜିଲା କୋଦଳା ଅଞ୍ଚଳର କୈଳାସ ଦାସ (୨୭) ପଛରୁ ଆସି ତାଙ୍କ ମୋବାଇଲକୁ ଲୁଟି ନେଇଥିଲେ। କିନ୍ତୁ ସୁଦୀପ ସାହାସର ସହ ଉକ୍ତ ଯୁବକଙ୍କ ପିଛା କରିଥିଲେ। ରେମୁଣା ଗୋଲେଇ ନିକଟରେ ରାସ୍ତା କାମ ଚାଲୁଥିବାରୁ କୈଳାଶଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ କୈଳାସ ଗୁରୁତର ହୋଇଥିଲେ। ସୁଦୀପଙ୍କ ସମେତ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ସୁଦୀପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୮୧/୨୩) ରୁଜୁ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ କୈଳାସଙ୍କୁ ଜଗି ରହିଥିଲେ। ଗୁରୁବାର ସନ୍ଧ୍ୟାରେ ସୋର ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସ ତାଙ୍କ ନିକଟରୁ ୧୧ଟି ମୋବାଇଲ ଫୋନ ଏବଂ ବାଇକ୍ ଜବତ କରିଛି।

# ଚତୁର୍ଥ ପର୍ଯ୍ୟାୟରେ ୧୪ ହାଇସ୍କୁଲ ୫-ଟିରେ ସାମିଲ

ଧାମନଗର,୧୨।୫ (ଡି.ଏନ୍.ଏ.)

ରାଜ୍ୟ ସରକାର ବିଭିନ୍ନ ହାଇସ୍କୁଲକୁ ରୁପାନ୍ତରୀକରଣ ନିମନ୍ତେ ୫-ଟି ଯୋଜନାରେ ସାମିଲ କରାଇ ସ୍କୁଲ ଗୁଡ଼ିକୁ ନୂତନ ରୂପରେଖ ଦେଉଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ଭଦ୍ରକ ଜିଲାର ଧାମନଗର ବ୍ଲକ୍‌ର ୧୪ ସ୍କୁଲ ଯୋଜନାରେ ସାମିଲ ହୋଇଛି। ବ୍ଲକ୍‌ରେ ଥିବା ୫୧ ହାଇସ୍କୁଲ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଧାମନଗର ହାଇସ୍କୁଲ, ଦ୍ୱିତୀୟରେ ୧୫ ଟି ହାଇସ୍କୁଲ, ତୃତୀୟରେ ୨୧ ଟି ହାଇସ୍କୁଲ ସାମିଲ ହୋଇଥିଲା। ଚତୁର୍ଥ ପର୍ଯ୍ୟାୟରେ ସାମିଲ ସ୍କୁଲ ମଧରେ ପାଳସାହି ବାଳିକା ହାଇସ୍କୁଲ, ବିବି ହାଇସ୍କୁଲ, ଧୁଷୁରୀ ବାଳିକା ହାଇସ୍କୁଲ, କଲ୍ୟାଣୀ ହାଇସ୍କୁଲ, ଗୋହିରାଟିକିରି ହାଇସ୍କୁଲ, ସାହୁସାହି ହାଇସ୍କୁଲ, ପିସି ହାଇସ୍କୁଲ କରଦା, ଖୁଲାଟେଶ୍ୱର ବାଳିକା ହାଇସ୍କୁଲ, ବୟାଗଡ଼ିହି ହାଇସ୍କୁଲ, କାସୀମିପୁର ହାଇସ୍କୁଲ, କୋରୁଆ ହାଇସ୍କୁଲ, ପଙ୍ଗଟା ହାଇସ୍କୁଲ, ବନସର ବାଳିକା ହାଇସ୍କୁଲ, ଭଉଁରିଆବାଙ୍କ ହାଇସ୍କୁଲକୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।

# ସିଡିପିଓ ଅଫିସରେ ତାଲା ପକାଇଲେ ଏସ୍‌ଏଚଜି ମହିଳା



ସିଡିପିଓଙ୍କ ଅଫିସ ଆଗରେ ମହିଳାମାନେ ବିକ୍ଷୋଭ କରୁଛନ୍ତି।

ବସ୍ତା,୧୨।୫(ଡି ଏନ ଏ )

ବସ୍ତା ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ହୋଇ ସିଡିପିଓଙ୍କ କାର୍ଯ୍ୟାଳୟକୁ ତାଲା ପକାଇବା ସହିତ ସିଡିପିଓଙ୍କ ବଦଳି ଦାବି କରି ବିକ୍ଷୋଭ କରିଥିଲେ। ଫଳରେ କାର୍ଯ୍ୟାଳୟ ଭିତରେ ୪ଜଣ କର୍ମଚାରୀ ୬ ଘଣ୍ଟା ଧରି ଅଟକ ରହିଥିଲେ। ସୂଚନା ଅନୁଯାୟୀ ବସ୍ତା ସିଡିପିଓ ଦିପ୍ତିରାଣୀ ସିଂ ମନମୁଖୀ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀ, ଜିପିଏଲ୍‌ଏଫ ଲିଡର, ବିଏଲ୍‌ଏଫ ସଭାପତି, ସମ୍ପାଦକ, ଇସି ମେମ୍ବର, ସିରାପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର, ମନୋନୟନ କମିଟି ମେମ୍ବରମାନଙ୍କ ବିରୋଧରେ ବିଭିନ୍ନ ପ୍ରକାରର କଟୁ ମନ୍ତବ୍ୟ ଦେବା, ସେମାନଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଇବା, ବିଭିନ୍ନ ସମୟରେ ଧମକ ଦେବା, ସ୍ୱାମୀଙ୍କ ମାଧମରେ ସେମାନଙ୍କଠାରୁ ଅର୍ଥ ଶୋଷଣ କରିବା ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବିଭିନ୍ନ ପ୍ରକାର ମିଥ୍ୟା ଅଭିଯୋଗ କରିଥାନ୍ତି। ସିଡିପିଓଙ୍କ ସ୍ୱାମୀ ସବୁ ସମୟରେ କାର୍ଯ୍ୟାଳୟରେ ଉପସ୍ଥିତ ରହି କାଗଜପତ୍ର କାମ କରନ୍ତି ଏବଂ ଏସବୁ ସଂଘ ଓ ଉପରୋକ୍ତ ବିଭିନ୍ନ ବିଭାଗର ମହିଳା ମାନଙ୍କ ଜାଲିଆତି ଦସ୍ତଖତ କରି ସେମାନଙ୍କୁ ହଇରାଣ କରନ୍ତି। ତେଣୁ ଏହାର ପ୍ରତିବାଦରେ ବ୍ଲକର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଯୋଗଦେଇ ସିଡିପିଓ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ନାରାବାଜି କରିବା ସହିତ ତାଙ୍କୁ ବଦଳି ଦାବି କରି କାର୍ଯ୍ୟାଳୟକୁ ତାଲା ପକାଇ ଦେଇଥିଲେ। ଫଳରେ କାର୍ଯ୍ୟାଳୟ ଭିତରେ ୪ଜଣ କର୍ମଚାରୀ ସକାଳ ୭ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅଟକ ରହିଥିଲେ। ତେବେ ଘଟଣାସ୍ଥଳରେ ବସ୍ତା ପୋଲିସ, ପଞ୍ଚୟତ ସମିତିର ପୂର୍ବତନ ଅଧକ୍ଷ ଲକ୍ଷ୍ମୀଧର ଦାସ, ଜିଲା ପରିଷଦ ବିଷ୍ଣୁପ୍ରିୟା ବୁରୁଡି ଏବଂ କୁଡିଆ ପଞ୍ଚାୟତର ସମିତି ସଭ୍ୟ ଜୟପ୍ରକାଶ ନାରାୟଣ ବେହେରା ପହଞ୍ଚି ବୁଝାଶୁଝା କରିବା ପରେ ଉକ୍ତ ୪ଜଣ କର୍ମଚାରୀଙ୍କୁ ଛାଡିଥିଲେ। ତେବେ ସିଡିପିଓ ଦୀପ୍ତିରାଣୀ ପଚାରିବାରୁ ଏସବୁ ଅଭିଯୋଗ ମିଥ୍ୟା ବୋଲି କହିଛନ୍ତି।

# ଗାଡ଼ିରୁ ପଡି ବୃଦ୍ଧ ମୃତ

ପାଟଣା,୧୨।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ପୁରୁଲିଆ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ଲୁନା ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଫଳରେ ଲୁନା ପଛରେ ବସିଥିବା ଜଣେ ୫୫ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଘଟଗାଁ ଥାନା ମୁଦ୍ରାବେଡ଼ା ଗ୍ରାମର ଲୋକନାଥ ନାଏକ। ସୂଚନା ଅନୁଯାୟୀ, ଲୋକନାଥ ସମ୍ପର୍କୀୟଙ୍କ ସହ ମୁଦ୍ରାବେଡ଼ାରୁ ମୈଦାନକେଲ ଯାଉଥିଲେ। ପୁରୁଲିଆ ପେଟ୍ରୋଲ ପମ୍ପ ନିକଟରେ ଲୁନାଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଲୋକନାଥ ତଳେ ପଡ଼ି ଗୁରୁତର ହୋଇ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ଜିଲା ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗୁରୁବାର ରାତିରେ ମୃତ୍ୟୁ ହୋଇଥିଲା। ପୋଲିସ ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ (ନଂ. ୮୦/୨୩)ରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ବିଦେଶ ଯିବେ ବିଷ୍ଣୁ ପ୍ରିୟା



ବିଷ୍ଣୁପ୍ରିୟାଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦା ଅଫିସ,୧୨।୫

ଓଡ଼ିଶା ମିଶନ ଶକ୍ତି ବିଭାଗ ତରଫରୁ ମନୋନୀତ ହୋଇ ମୟୂରଭଞ୍ଜ ଜିଲାର ମିଶନ ଶକ୍ତି ନେତ୍ରୀ ବିଷ୍ଣୁପ୍ରିୟା ଦାସ ଚଳିତ ମାସ ୧୫ ତାରିଖରେ ଅନୁଭୂତି ଆହୋରଣ ପାଇଁ ଦୁବାଇ ଗସ୍ତରେ ଯିବେ। ରାଜ୍ୟର ମୋଟ ୧୦ଜଣ ଏଥିପାଇଁ ମନୋନୀତ ହୋଇଥିବାବେଳେ ବିଷ୍ଣୁପ୍ରିୟା ମୟୂରଭଞ୍ଜ ଜିଲାର ପ୍ରତିନିଧିତ୍ୱ କରିବେ। ଏହି ଉପଲକ୍ଷେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ବିଷ୍ଣୁପ୍ରିୟାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଯାତ୍ରା ପାଇଁ ଜିଲାରୁ ତାଙ୍କୁ ମନୋନୀତ କରାଯାଇଥିବାରୁ ସେ ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ଓଡ଼ିଶା ମିଶନ ଶକ୍ତି ବିଭାଗ ଓ ଜିଲାପାଳଙ୍କୁ କୃତଜ୍ଞତା ଜଣାଇବା ସହ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ସିଙ୍କୁ, ଜିଲା ପ୍ରକଳ୍ପ ପରିଚାଳକ ଭାରତୀ ବେଶ୍ରା ଓ ମିଶନ ଶକ୍ତି ମହାସଂଘର ସଦସ୍ୟମାନଙ୍କ ସହଯୋଗରେ ସେ ଆଜି ଏଇ ସୁଯୋଗ ପାଇଛନ୍ତି ବୋଲି ବିଷ୍ଣୁପ୍ରିୟା କହିଛନ୍ତି।

# କଳାବ୍ୟାଜ୍ ପିନ୍ଧିଲେ ବୈଷୟିକ କର୍ମଚାରୀ

ଖଇରା, ୧୨।୫(ଡି.ଏନ.ଏ.)

ଓଡିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଡାକରାରେ ବାଲେଶ୍ୱର ଜିଲା ଖଇରା ବ୍ଲକର କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ଗତ ବୁଧବାରଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଆରମ୍ଭ କରିଛନ୍ତି। ୨୦୧୮ରେ ସରକାର ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ହେଁ ଏ ପର୍ଯ୍ୟନ୍ତ ପୂରଣ କରି ନ ଥିବାରୁ ସେମାନେ ଏଭଳି ପ୍ରତିବାଦ ଜଣାଇଛନ୍ତି । ପ୍ରାଣୀ ଚିକିତ୍ସିକ ଅର୍ଜ୍ଜୁନ ଜେନା, ଉମାକାନ୍ତ ବହଳୀ, ସୁଧାକର ନାୟକ, ଶ୍ରୀକାନ୍ତ ମହାପାତ୍ର, ବିମଳା ମଲ୍ଲିକ, ସତ୍ୟାନନ୍ଦ ରାଉତ ଓ ରାଜୀବ ଶିଅଳ ପ୍ରମୁଖ ପ୍ରତିବାଦରେ ସାମିଲ ହୋଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱଜିତ ମହାନ୍ତିଙ୍କ ଜରିଆରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରିଛନ୍ତି।

# ଧାମନଗରରେ ଜବରଦଖଲ ଉଚ୍ଛେଦ

ଧାମନଗର,୧୨।୫(ଡି.ଏନ୍.ଏ.)

ଧାମନଗର ତହସିଲ ଅଧୀନ ବିଭିନ୍ନ ଗୋଚର, ଅନାବାଦି ଓ ବଜାର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କେତେକ ମୁଷ୍ଟିମେୟ ଲୋକ ଅଧିକାଂଶ ସ୍ଥାନ ଜବର ଦଖଲରେ ରଖି ବ୍ୟବସାୟ କରିବା ସହ ଜାଗାକୁ ବିକ୍ରି କରିବାକୁ ମଧ ପଛାଉ ନାହାନ୍ତି। ଏନେଇ ବାରମ୍ବାର ତହସିଲଦାରଙ୍କଠାରେ ଲୋକେ ଅଭିଯୋଗ କରି ଆସୁଥିଲେ। ଶୁକ୍ରବାର ସ୍ଥାନୀୟ ତହସିଲଦାର ଜବର ଦଖଲରେ ଥିବା କିଛି କଦଳୀ ଗଛକୁ ଉଚ୍ଛେଦ କରିଛନ୍ତି। ପ୍ରକାଶ ଯେ, ଧାମନଗର ତହସିଲ ଅଧୀନ ସୋହଡ଼ା ପଞ୍ଚାୟତ ବାଲିପଡ଼ା ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଜଣେ ବ୍ୟକ୍ତି କିଛି ସରକାରୀ ଜାଗାକୁ ନିଜ ଅକ୍ତିଆରରେ ରଖି କଦଳୀ ଗଛ ଲଗାଇଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ତହସିଲଦାରଙ୍କଠାରେ ଅଭିଯୋଗ କରିଥିଲେ। ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ୍ କରାଯାଇଥିଲା। ତହସିଲଦାର ସମରେନ୍ଦ୍ର ଭଞ୍ଜ, ସୁପରଭାଇଜର ଧନେଶ୍ୱର ମାରାଣ୍ଡିଙ୍କ ସମେତ ରାଜସ୍ୱ ନିରୀକ୍ଷକ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡୋଜର ମେଶିନ ଲଗାଇ କିଛି କଦଳୀ ଗଛକୁ ଓପାଡ଼ି ପଳାଇ ଆସିଥିଲେ। ଅନ୍ୟସ୍ଥାନରୁ ମଧ ଜବରଦଖଲ ହଟାଯାଉ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସେହିପରି ବାଲିପଡ଼ାସ୍ଥିତ ବୈତରଣୀ ହାଇସ୍କୁଲ ଜାଗାକୁ ଜଣେ ବ୍ୟକ୍ତି ଜବର ଦଖଲ କରିଥିବା ନେଇ ଗ୍ରାମବାସୀ ଓ ସ୍କୁଲ କମିଟି ପକ୍ଷରୁ ତହସିଲଦାରଙ୍କଠାରେ ଅଭିଯୋଗ କରାଯାଇଥିଲା। ତହସିଲଦାର କେବଳ ଅଙ୍ଗନୱାଡି ପାଖରେ ଜବରଦଖଲ ଉଚ୍ଛେଦ କରି ଫେରି ଆସିବା ପରେ ସ୍କୁଲ ଛକରେ ଲୋକେ ତାଙ୍କୁ ଅଟକାଇ ସ୍କୁଲ ଛକ ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଦୁଇ ଦିନ ପରେ ଉଚ୍ଛେଦ କରାଯିବ ବୋଲି କହି ତହସିଲଦାର ଫେରି ଆସିଥିବା ଜଣାପଡ଼ିଛି।

# ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଧାରଣା

ରାଇରଙ୍ଗପୁର,୧୨।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଆଦିବାସୀ ସେଙ୍ଗେଲ ଅଭିଯାନ(ଆସା) ସଂଗଠନ ପକ୍ଷରୁ ଶୁକ୍ରବାର ସହରାଞ୍ଚଳସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୁର୍ତ୍ତି ନିକଟରେ ଧାରଣା ଦିଆଯାଇଥିଲା। ସଂଗଠନର ରାଷ୍ଟ୍ରୀୟ ଅଧକ୍ଷ ତଥା ପୂର୍ବତନ ଲୋକସଭା ସଦସ୍ୟ ସାଲଖାନ ମୁର୍ମୁ ଏବଂ କେନ୍ଦ୍ରୀୟ ସଂଯୋଜକ ସୁମିତ୍ରା ମୁର୍ମୁଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା ଏବଂ ଯୁବକର୍ମୀ ଗଣ ଧାରଣାରେ ସାମିଲ ହୋଇଥିଲେ। ଧାରଣାକାରୀ କଳା ବ୍ୟାଜ ପିନ୍ଧିବା ସହ କଳାପତାକା ପ୍ରଦର୍ଶନ କରିଥିଲେ। ଏହି ସମୟରେ ରାଇରଙ୍ଗପୁର ଜେଏମ୍‌ଏମ୍ ଦଳୀୟ କେତେକ ଯୁବକର୍ମୀ ଘଟଣାସ୍ଥଳରେ ପହଞ୍ଚି ହୋହଲ୍ଲା କରିବା ସହ ଲଗାଯାଇଥିବା କଳାପତାକାକୁ କାଢି ରାସ୍ତାରେ ପକାଇଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।

# ମାତାପିତା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ବାହାନଗା/ନୀଳଗିରି, ୧୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଙ୍କିପଦା ଗ୍ରାମସ୍ଥିତ କବିନିବାସଠାରେ ମାତା ପିତା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ପ୍ରାକ୍ତନ ଅଧକ୍ଷ ଶରତ କୁମାର ମହାପାତ୍ର। ଅନୁଷ୍ଠାନର ପ୍ରତିଷ୍ଠାତା କବି ଲୋଚନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ଉଦଘାଟକ ମହାପାତ୍ର। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ କବି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ଗିରିଶ୍ ଚନ୍ଦ୍ର ଜେନା, ଡ. ହରିଶ୍ ଚନ୍ଦ୍ର ବେହେରା, ବିନୋଦ ବିହାରି ପଣ୍ଡା ପ୍ରମୁଖ ଅତିଥିମାନେ ଯୋଗଦେଇ ନିଜ ଶୈଳୀରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ସମ୍ପାଦକ ମୁକ୍ତିକାନ୍ତ ମିଶ୍ର ଅତିଥି ପରିଚୟ ଓ ସତ୍ୟଭାମା ମୁଦୁଲି ମଞ୍ଚ ସଂଯୋଜନା କରିଥିଲେ । ଏଥିରେ ୩୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀମାନେ ଯୋଗଦେଇ କବିତାପାଠ କରିଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଲଳିତ ଲୋଚନ'ଉନ୍ମୋଚନ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ୩ଜଣ ଗୀତାରାଣି ରାଉତ, ପିତାମ୍ବର ଦାସ, ଡ. ସୁରେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନ ଉପସଭାପତି ଭାଗିରଥି ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦେବକାନ୍ତ ବେହେରା ଓ ସତ୍ୟବାନ ବେହେରା।



ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର ଉନ୍ମୋଚନ କରାଯାଉଛି।

# ବର୍ଜ୍ୟବସ୍ତୁ ବିଶ୍ୱ ପାଇଁ ସମସ୍ୟା

## 'ବର୍ଜ୍ୟବସ୍ତୁ ପରିଚାଳନା' ଶୀର୍ଷକ ଆଲୋଚନାଚକ୍ର

ବାଲେଶ୍ୱର ଅଫିସ, ୧୨।୫

ବାଲେଶ୍ୱର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସତ୍ୟସାଇ ଇଞ୍ଜିନିୟରିଂ କଲେଜ ପରିସରରେ 'ବର୍ଜ୍ୟ ବସ୍ତୁ ପରିଚାଳନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣର ପେନାଲ ଲୟର ସଦସ୍ୟ ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ଆବାହକତ୍ୱ କରିଥିଲେ। ଜିଲା ସ୍ଥାୟୀ ଲୋକ ଅଦାଲତର ସଭାପତି ଚିନ୍ତାମଣି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଜନସାଧାରଣ ଅଧିକ ସଚେତନ ହେବା ଆବଶ୍ୟକ। ସମଗ୍ର ବିଶ୍ୱରେ ବର୍ଜ୍ୟବସ୍ତୁ ହିଁ ସମସ୍ୟା ସୃଷ୍ଟି କରୁଥିବା ବେଳେ ଭାରତରେ ପ୍ରତିଦିନ ଲକ୍ଷାଧିକ ମେଟ୍ରିକ ଟନ ବର୍ଜ୍ୟବସ୍ତୁ ବାହାରୁଛି । ସରକାରଙ୍କ ବିଭିନ୍ନ ନୋଡ଼ାଲ ଏଜେନ୍ସି ତଥା ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ ମାଧମରେ ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟବସ୍ତୁରୁ କମ୍ପୋଷ୍ଟ ଖତ ପ୍ରସ୍ତୁତ କରାଯାଉଛି। ବର୍ଜ୍ୟବସ୍ତୁ ଠିକ୍ ଭାବେ ପରିଚାଳନା ନ ହେଲେ ତାହା ମାନବସମାଜ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିବ ବୋଲି ସତର୍କ କରାଇଥିଲେ। ଏଥିସହିତ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆଇନରେ ଥିବା ବିଭିନ୍ନ ଧାରା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ସତ୍ୟସାଇ ଗ୍ରୁପ ଅଫ ଏଜୁକେଶନର ଚେୟାରମ୍ୟାନ ପଦ୍ମଲୋଚନ ପଣ୍ଡା ଉପସ୍ଥିତ ରହି ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ନ ହେଲେ ମାନବ ସମାଜ ଅବଲୁପ୍ତ ହୋଇଯିବା ସହ ପରିବେଶ ନଷ୍ଟ ହେବାର ଆଶଙ୍କା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସ୍ୱଚ୍ଛ ଭାରତ ଅଭିଯାନ' ମାଧମରେ ଜନସାଧାରଣ ମଧ ବର୍ଜ୍ୟବସ୍ତୁ ପରିଚାଳନାରେ ଅଂଶୀଦାର ହେବାକୁ ପରାମର୍ଶ ଦେଇଥିଲେ। ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଡେପୁଟି ଡାଇରେକ୍ଟର ଭୀମଚରଣ ମାରାଣ୍ଡି, ବାଲେଶ୍ୱର ପୌରପାଳିକାର ପରିମଳ ଅଧିକାରୀ କମଳଲୋଚନ ପାତ୍ର, ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ (ଓୟୁଜେ) ଜିଲା ସଭାପତି ଗଙ୍ଗାଧର ରାଉତ ଓ ସମ୍ପାଦକ ବିବେକାନନ୍ଦ ଦାସ, ସତ୍ୟସାଇ ଇଞ୍ଜିନିୟରିଂ କଲେଜ ଅଧକ୍ଷ ଯତୀନ୍ଦ୍ର ନାଥ ଦାସ, ସତ୍ୟସାଇ ଡିଗ୍ରୀ କଲେଜ ଅଧକ୍ଷ ପ୍ରଭାତ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ କଠିନ, ତରଳ ଓ ବିପଦଜନକ ବର୍ଜ୍ୟବସ୍ତୁ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ସତ୍ୟସାଇ ଇଞ୍ଜିନିୟରିଂ କଲେଜ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

## ଚୋରି ସାମଗ୍ରୀ ଜବତ, ୨ ଅଟକ

ବଡ଼ବିଲ,(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଘଟିଥିବା ଏକାଧିକ ଚୋରି ମାମାଲରେ ପୋଲିସ ବ୍ୟାପକ ଚୋରି ସାମଗ୍ରୀ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୨ ବାଳ ଅପରାଧୀଙ୍କୁ ଅଟକ ରଖି ସୁଧାର ଗୃହକୁ ପଠାଇଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୫ ମୋବାଇଲ, ୧ ଲାପଟପ, ସ୍ମାର୍ଟ ୱାଚ୍, ନଗଦ ଟଙ୍କା ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ କରିଛି। ଏ ନେଇ ବଡ଼ବିଲ ଥାନାରେ(ନଂ.୧୨୩/୨୩) ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।



## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଭୋଗରାଇ, ୧୨।୫(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗବଗାଁ ଗ୍ରାମର ବସନ୍ତ ଦଣ୍ଡପାଟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶୁକ୍ରବାର ପ୍ରାଣ ହରାଇଛନ୍ତି। ବସନ୍ତ ନିଜ ଘରେ ବିଦ୍ୟୁତ୍ ଆର୍ଥିଂରେ ଅସାବଧାନତା ବଶତଃ ସ୍ପର୍ଶ କରିଥିବା ପରିବାର ଲୋକେ କହିଛନ୍ତି। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ କମର୍ଦ୍ଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ପ୍ରାଥମିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଅବକାରୀ ଚଢ଼ାଉ, ୬ ଗିରଫ

ଖୁଣ୍ଟା,୧୨।୫(ଡି.ଏନ.ଏ.)- ଖୁଣ୍ଟା ଅବକାରୀ ବିଭାଗ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟ ୯୩ ଲିଟର ଚୋରା ମହୁଲି ମଦ ଓ ଏକ ସ୍କୁଟି ଜବତ କରିବା ସହ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଡେଙ୍ଗାମ ଗ୍ରାମର ଶିବାନୀ ବିଶ୍ୱାଳ, ସାନରାଇକାଳି ଗ୍ରାମର ଗୁରୁବାରୀ ବାସ୍କେ, ରତନାସାହି ଗ୍ରାମର କୁନି ମୁର୍ମୁ, ହଳଦୀପାଳ ଗ୍ରାମର ଗିରିଧାରୀ ମୁର୍ମୁ, ମହୁଲିସାହି ଗ୍ରାମର ବାଦଲ ସିଂ ଓ ଟିକରପଡ଼ା ଗ୍ରାମର ଦୁର୍ଯ୍ୟୋଧନ ସୋରେନ। ଜିଲା ଅବକାରୀ ଅଧିକ୍ଷକ ପ୍ରସନ୍ନ କୁମାର କୁଅଁରଙ୍କ ନିର୍ଦ୍ଦେଶ କ୍ରମେ ଖୁଣ୍ଟା ବିଭାଗୀୟ ଉପନୀରିକ୍ଷକ ସୁଶ୍ରୀ ଶୁଭଦର୍ଶନୀ ସାହୁଙ୍କ ନେତୃତ୍ୱରେ ସହ ଉପନୀରିକ୍ଷକ ବିଜୟ କୁମାର ମହାନ୍ତ ଚଢ଼ାଉରେ ସାମିଲ ହୋଇଥିଲେ।

### ଅଧ୍ୟାପକଙ୍କ ପରଲୋକ

ବଡ଼ସାହି,୧୨।୫(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ବଡସାହି ପି.ଏସ୍. କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ମୃତ୍ୟୁଞ୍ଜୟ ଦାସଙ୍କ ପରଲୋକ ଘଟିଛି। ସେ ଜଣେ ମେଳାପୀ ବ୍ୟକ୍ତି ଓ ଆଦର୍ଶ ଅଧ୍ୟାପକ ଭାବେ ପରିଚିତ ଥିଲେ। ଗୋପବନ୍ଧୁ ନଗର ବ୍ଲକ ଅଧୀନ ଚଡଦା ଗ୍ରାମରେ ସେ ୧୯୭୪ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବଡ଼ସାହି, ଉଦଳା ଓ ବାରିପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ଼ସାହି କଲେଜ ଅଧକ୍ଷ, ଅଧାପକ ଓ କର୍ମଚାରୀମାନଙ୍କୁ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ନାବାଳିକାଙ୍କୁ ଅସଦାଚରଣ ଘଟଣାରେ ଅନ୍ୟଜଣେ ଗିରଫ

ପଦ୍ମପୁର, ୧୨।୫(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ନାୟକାଣିଡ଼ିହୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଭିଡ଼ିଓକୁ ସୋସିଆଲ ମିଡିଆରେ ଭାଇରାଲ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଘଟଣାରେ ପୂର୍ବରୁ ଅଭିଯୁକ୍ତ (ଜଣେ ନାବାଳକ)ଙ୍କୁ ଗତ ୫ ତାରିଖରେ ଠାବ କରି ଅନୁଗୁଳସ୍ଥିତ ବାଳ ସୁଧାର ଗୃହକୁ ପଠାଇଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଫେରାର ଥିଲା। ତଦନ୍ତକାରୀ ଅଧିକାରୀ ବାସୁଦେବପୁର ଥାନାଧିକାରୀ ଶୁକ୍ରବାର ଅଭିଯୁକ୍ତ ପ୍ରକାଶ ନାୟକଙ୍କୁ ବିଭିନ୍ନ ଆଡ଼େ ଚଢ଼ାଉ କରି ଗିରଫ କରିଛନ୍ତି। ନାୟକାଣିଡିହୀ ଥାନାରେ ଏ ନେଇ ମାମଲା (ନଂ ୮୮/୨୩) ରୁଜୁ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ପୁନରୁଦ୍ଧାର ହେବ ସିଦ୍ଧମଠ ଔଷଧୀୟ ଉଦ୍ୟାନ

କେନ୍ଦୁଝର,୧୨।୫(ସ୍ୱ.ପ୍ର.)




ବ୍ୟାପକ ଜଙ୍ଗଲ ନଷ୍ଟ, ଗଛ ଚୋରି କାରଣରୁ ଉଜୁଡ଼ି ଯାଇଥିବା ସିଦ୍ଧମଠ ଔଷଧୀୟ ଉଦ୍ୟାନର ରକ୍ଷଣାବେକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଗୁରୁବାର ବନ ବିଭାଗ କର୍ମଚାରୀ, ସ୍ଥାନୀୟ କାଉନ୍ସିଲର ଓ ଲୋକଙ୍କ ଉପସ୍ଥିତିରେ ଉକ୍ତ ଉଦ୍ୟାନକୁ ଯାଇ ସ୍ଥିତି ଅନୁଧ୍ୟାନ କରାଯାଇଛି। କେନ୍ଦୁଝରଗଡ଼ ପୌରପାଳିକାର ୧ ନଂ. ୱାର୍ଡରେ ମନୋରମ ପରିବେଶରେ ଥିବା ଏହି ଜଙ୍ଗଲରେ ଆଗରୁ ବହୁ ମୂଲ୍ୟବାନ ଚନ୍ଦନ ଭଳି ବହୁ ପ୍ରକାରର ଔଷଧୀୟ ବୃକ୍ଷଲତା ରହିଥିଲା। ତେବେ ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ କରା ନ ଯିବାରୁ ଏହା ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ମୂଲ୍ୟବାନ ଚନ୍ଦନ ଗଛ ଓ ଅନ୍ୟାନ୍ୟ ବୃକ୍ଷକୁ ଦୁର୍ବୃତ୍ତ କାଟି ନେଇଛନ୍ତି। ଏହାର ପୁନରୁଦ୍ଧାର ପାଇଁ ସ୍ଥାନୀୟ କାଉନ୍ସିଲର ଓ ବୟୋଜ୍ୟେଷ୍ଠ ଲୋକଙ୍କ ଦାବି ପରେ ବନ ବିଭାଗ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି। ଏବେ ମଧ୍ୟ ଉଦ୍ୟାନରେ କରଞ୍ଜ, ବାହାଡ଼ା, ଅଁଳା, ଚିନି ଚମ୍ପା, ମୁଚୁକୁନ୍ଦ ଆଦି ବହୁ ପ୍ରକାରର ବୃକ୍ଷ ଲତା ରହିଛି। ଏହାକୁ ଆବଦ୍ଧ କରାଗଲେ ଘଞ୍ଚ ଜଙ୍ଗଲରେ ପରିଣତ ହୋଇଯିବ ବୋଲି ସ୍ଥାନୀୟ କାଉନ୍ସିଲର ଶରତ ସାହୁ (ମୁନା) କହିଛନ୍ତି । ଉଦ୍ୟାନ ଚୁଲିଆ ପାଦ ଦେଶରେ ରହିଥିବା ବେଳେ ସିଦ୍ଧମଠ ଧାର୍ମିକ ପୀଠ ନିକଟରେ ରହିଥିବାରୁ ଗୁରୁତ୍ୱବହନ କରିଥାଏ। ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, ଉକ୍ତ ସ୍ଥାନକୁ ସଫା କରିବା ସହ ପ୍ରଥମେ ବାଡ଼ ଦେବା ବ୍ୟବସ୍ଥା କରିବା ସହ ମୃତ୍ତିକା ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯିବ। ସେହିପରି ସେଠାରେ ଏକ ପ୍ରବେଶ ଗେଟ୍ ନିର୍ମାଣ କରି ପ୍ରକୃତିପ୍ରେମୀ ତଥା ସିଦ୍ଧମଠ ଦର୍ଶନ ପାଇଁ ଯାଉଥିବା ଭକ୍ତମାନଙ୍କ ପାଇଁ ରାସ୍ତା କରାଯିବ ବୋଲି କହିଥିଲେ।

# ବିଦେଶ ଯିବେ ମିଶନ ଶକ୍ତି ମା’

ବାଲେଶ୍ୱର ଅଫିସ, ୧୨।୫

ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ବିଦେଶ ଯିବା ପାଇଁ ମିଶନ ଶକ୍ତି ମା’ଙ୍କ ମଧ୍ୟରୁ ବାଲେଶ୍ୱରରୁ ମନୋନୀତ ହୋଇଥିବା ସୁଷମା ଦତ୍ତଙ୍କୁ ଶୁକ୍ରବାର ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାରୁ ମିଶନ ଶକ୍ତି ମା’ମାନଙ୍କୁ ନେଇ ପ୍ରଥମକରି ଭୁବନେଶ୍ୱରରୁ ଦୁବାଇ ଅଭିମୁଖେ ଉଡ଼ାଣ ଭରିବ ଇଣ୍ଡିଗୋ ଏୟାର ବସ୍-୩୨୦। ରାଜ୍ୟରୁ ୧୦ଟି ଜିଲାରୁ ୧୦ ଜଣ ମିଶନ ଶକ୍ତି ମା’ ଯାଉଥିବା ବେଳେ ବାଲେଶ୍ୱର ଜିଲାରୁ ବାଲିଆପାଳ ବ୍ଲକ୍ ଚୌମୁଖ ପଞ୍ଚାୟତରୁ ଯିବେ ସୁଷମା ଦତ୍ତ।

ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାପାଳ ଶିନ୍ଦେ ସୁଷମାଙ୍କ ଏହି ଯାତ୍ରା ପାଇଁ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ସରକାର ମିଶନ ଶକ୍ତି ମା’ମାନଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ଜ୍ଞାନକୌଶଳ ବୃଦ୍ଧି କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ରାଜ୍ୟରୁ ଦୁବାଇ ଅଭିମୁଖେ ଯାଉଥିବା ମିଶନ ଶକ୍ତି ମା’ମାନେ ବିଦେଶ ଯାତ୍ରା କରି ସେଠାରୁ ଉନ୍ନତ ଜ୍ଞାନକୌଶଳ ଆହରଣ କରି ନିଜର ଅନୁଭୂତି ବାଣ୍ଟିବେ। ଫଳରେ ଗ୍ରାମର ମହିଳାମାନେ ସ୍ୱାବଲମ୍ବୀ ହେବାକୁ ଆଗ୍ରହ ପ୍ରକାଶ କରିବା ସହ ଆହୁରି ସଶକ୍ତ ହେବେ। ଜିଲାପାଳଙ୍କୁ ସାକ୍ଷାତ୍ କରିବା ବେଳେ ମିଶନ ଶକ୍ତି ସଦସ୍ୟା ସୁଷମା ଦତ୍ତ ତାଙ୍କର ଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


ସୁଷମା ଦତ୍ତଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଉଛନ୍ତି।

## ବ୍ଲକସ୍ତରୀୟ ବଳରାମ ମାସ

ବାହାନଗା, ୧୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପରିସରରେ ଥିବା କୃଷି ବିଭାଗର କନଫରେନ୍ସ ହଲ୍‌ରେ ବ୍ଲକସ୍ତରୀୟ ବଳରାମ ମାସ ପାଳିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ରଙ୍ଗନାଥ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଡିଓ ଗୌରାଙ୍ଗ ଚରଣ ଘୋଷ, ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧକ୍ଷ ବିଶ୍ୱନାଥ ମିଶ୍ର, ବାହାନଗା ତହସିଲଦାର ହିମାଂଶୁ ଶେଖର ଗିରି, ବ୍ଲକ୍ ମତ୍ସ୍ୟ ବିଭାଗ ଅଧିକାରିଣୀ ଅନିଶା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ସହକାରୀ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀଙ୍କ ପ୍ରତିନିଧି ତପସ୍ୱିନୀ ଶିଅଳଙ୍କ ସମେତ ବିଦ୍ୟୁତ ବିଭାଗ, ଉଦ୍ୟାନ ବିଭାଗ ଅଧିକାରୀ, ନିକଟସ୍ଥ ବିଷ୍ଣୁପୁର ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ, ବାହାନଗା ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ପ୍ରମୁଖ ଯୋଗଦେଇ କିପରି ସରକାରଙ୍କ ବଳରାମ ଯୋଜନାକୁ ସଫଳ କରାଯିବ ସେ ବାବଦରେ ଆଲୋଚନା କରାଯାଇଥିଲା। ଯୋଜନା ବାହାନଗା ବ୍ଲକ୍‌ରେ ଦୀର୍ଘ ୨ବର୍ଷ ଧରି ଅଗ୍ରଗତି ହୋଇପାରୁ ନ ଥିବା ନେଇ ଅଧିକାରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଯୋଜନାରେ ୫ଜଣିଆ ଗ୍ରୁପ୍ ମାଧ୍ୟମରେ ଚାଷୀମାନଙ୍କୁ ୧ଲକ୍ଷ ୬୦ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଦେଇଥାନ୍ତି। ମାତ୍ର ବ୍ୟାଙ୍କ ଗ୍ରୁପ୍ ମାଧ୍ୟମରେ ଋଣ ଦେବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବାରୁ ଯୋଜନା ବ୍ଲକ ଅଞ୍ଚଳରେ ସଫଳ ହୋଇ ପାରୁ ନ ଥିବା ଉପସ୍ଥିତ ଅତିଥିମାନେ ପ୍ରକାଶ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଲେଣ୍ଟି


@ଶ୍ରୀ


@ମାମାଲି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ହରିଚନ୍ଦନପୁରରେ ମିନି ସ୍ପଞ୍ଜ କାରଖାନା ପ୍ରତିଷ୍ଠା ଦାବି


ବିର୍ସା ମୁଣ୍ଡା ରାଷ୍ଟ୍ରୀୟ ଜନସେବା ଟ୍ରଷ୍ଟ ସଦସ୍ୟ ଅଭିଯୋଗ ପତ୍ର ଦେଖାଉଛନ୍ତି।

କେନ୍ଦୁଝର/ତେଲକୋଇ, ୧୨।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ନିର୍ବାଚନ ମଣ୍ଡଳୀର ଦୈତାରୀରେ ଓଏମ୍‌ସିର ଲୁହାଖଣି ରହିଥିବାରୁ ହରିଚନ୍ଦନପୁର ବ୍ଲକ୍‌ରେ ମିନି ସ୍ପଞ୍ଜ କାରଖାନା ପ୍ରତିଷ୍ଠା କରିବାକୁ ଦାବି ହୋଇଛି। ଏ ନେଇ ବିର୍ସା ମୁଣ୍ଡା ରାଷ୍ଟ୍ରୀୟ ଜନସେବା ଟ୍ରଷ୍ଟ ପକ୍ଷରୁ ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାରଖାନା ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ହେବା ସହ ସ୍ଥାନୀୟ ଲୋକେ ବିଶେଷ କରି ଆଦିବାସୀମାନେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୁଯୋଗ ପାଇବେ ବୋଲି ଟ୍ରଷ୍ଟର ସମ୍ପାଦିକା ମଞ୍ଜୁବାଳା ମୁଣ୍ଡା କହିଛନ୍ତି। ସେହିପରି ଉକ୍ତ ବ୍ଲକ୍‌ର ଆଦିବାସୀ ବହୁଳ ଓ ଅବହେଳିତ ବରେଇଗୋଡ଼ା ପଞ୍ଚାୟତ ନର୍ଦ୍ଧାଙ୍ଗୀପେଣ୍ଠ ନଦୀରେ ଏକ ବ୍ରିଜ ନିର୍ମାଣ, ତେଲକୋଇ ବ୍ଲକ୍‌ରେ ବହୁ ଆମ୍ବ ଚାଷୀ ଥିବାରୁ ସେମାନଙ୍କ ଆମ୍ବ ସାଇତି ରଖିବାକୁ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ଉକ୍ତ ସଂଗଠନର ବରିଷ୍ଠ କର୍ମୀଙ୍କ ମଧ୍ୟରେ ସାଇରାମ ସେଠୀ, ଲିପିକା ନାଏକ, ଶିବାନୀ ନାଏକ, ରମେଶ ମୁଣ୍ଡା ଜିଲାପାଳଙ୍କୁ ଭେଟି ସ୍ମାରକୀପତ୍ର ଦେଇଥିଲେ।

## ୨ ଆଦିବାସୀ ବାଳକଙ୍କୁ ଉଦ୍ଧାର କଲା ଚାଇଲ୍ଡ ଲାଇନ୍

ଔପଦା, ୧୨।୫

ବାଲେଶ୍ୱର ଜିଲା ଔପଦା ଥାନା ତଳକିଆ ପଞ୍ଚାୟତ ମାଚିଗଡ଼ା ଗ୍ରାମରେ ଥିବା ଗେଟେଶ୍ୱର ସଂସ୍କୃତ ବିଦ୍ୟାପୀଠରେ ପଢୁଥିବା ୨ ଆଦିବାସୀ ବାଳକଙ୍କୁ ଘରୋଇ କାମରେ ନିୟୋଜିତ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଖଇରା ଚାଇଲ୍ଡଲାଇନ୍ ପକ୍ଷରୁ ଚଢାଉ କରାଯାଇ ୨ ଆଦିବାସୀ ବାଳକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଏହି ଦୁଇ ବାଳକ ନବମ ଓ ଷଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି। ବର୍ତ୍ତମାନ ସ୍କୁଲ ଛୁଟି ଥିବାରୁ ହଷ୍ଟେଲର ପିଲା ନ ଥିବା ବେଳେ ବିଦ୍ୟାପୀଠର ପ୍ରଧାନ ପଣ୍ଡିତ ଏହି ଦୁଇ ପିଲାଙ୍କୁ ଆଣି ବିଦ୍ୟାପୀଠରେ ରଖି ନିଜ ଘରୋଇ କାମରେ ନିୟୋଜିତ କରିଥିବା ଚାଇଲ୍ଡଲାଇନ ପକ୍ଷରୁ କୁହାଯାଇଛି। ଉଦ୍ଧାର ବାଳକଦ୍ୱୟଙ୍କ ଘର ମୟୂରଭଞ୍ଜ ଜିଲାରେ। ଏ ସମ୍ପର୍କରେ ଗେଟେଶ୍ୱର ସଂସ୍କୃତ ବିଦ୍ୟାପୀଠର ପ୍ରଧାନପଣ୍ଡିତ ଗଣେଶ୍ୱର ସାହୁ କହିଛନ୍ତି, ଏହି ଦୁଇ ଛାତ୍ରଙ୍କ ଘର ତାଙ୍କ ଘର ପାଖରେ। ଏମାନଙ୍କର ଘରୋଇ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେମାନଙ୍କୁ ହଷ୍ଟେଲରେ ରଖି ଖାଇବା ଦେବା ସହ ପାଠ ପଢ଼ାଉଥିଲି। ସେମାନଙ୍କୁ କୌଣସି ନିଜ ବ୍ୟକ୍ତିଗତ କାମ କରାଉ ନ ଥିଲି।

## ୫୬ ସିଆର୍‌ସିସିଙ୍କ କାର୍ଯ୍ୟକାଳ ସରିଲା

ଭଦ୍ରକ ଅଫିସ, ୧୨।୫: ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାର ବିଭିନ୍ନ କ୍ଲଷ୍ଟରରେ କାର୍ଯ୍ୟରତ ଥିବା ୫୬ଜଣ ସିଆର୍‌ସିସିଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ନେଇ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଚିଠି କରାଯାଇଛି। ଜିଲାର ଭଦ୍ରକ ବ୍ଲକରେ ୫ ଜଣ, ଭଣ୍ଡାରିପୋଖରୀ ୧୧, ବନ୍ତ ୧୦, ଧାମନଗର ୪, ବାସୁଦେବପୁର ୧୦, ଚାନ୍ଦବାଲି ୬ ଓ ତିହିଡ଼ି ବ୍ଲକରେ ୧୦ଜଣଙ୍କୁ ମିଶାଇ ମୋଟ ୫୬ ଜଣ ସିଆର୍‌ସିସିଙ୍କ ୫ ବର୍ଷ କାର୍ଯ୍ୟକାଳ ଶେଷ ହୋଇଥିବାରୁ ସେମାନେ ପୂର୍ବରୁ ନିଯୁକ୍ତ ଥିବା ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରିବେ। କ୍ଲଷ୍ଟର ସ୍କୁଲର ପ୍ରଧାନଶିକ୍ଷକଙ୍କୁ ସିଆର୍‌ସିସିର ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚିଠିରେ ଉଲ୍ଲେଖ ରହିଛି।

# କ୍ଷେତ୍ରୀୟ ତଦନ୍ତ କଲେ ଏସ୍‌ଡିଓ


କ୍ଷେତ୍ରୀୟ ତଦନ୍ତ କରୁଛନ୍ତି ଏସ୍‌ଡିଓ।

### ପୋତି ହୋଇପଡ଼ିଛି ନିଗାଡ଼ି ନାଳ

ତିହିଡ଼ି,୧୨।୫(ଡି.ଏନ୍.ଏ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ନିଗାଡ଼ି ନାଳ ବହୁ ବର୍ଷ ହେଲା ପୋତି ହୋଇପଡ଼ିଛି। ଫଳରେ ନାଳ ପାଣି ଚାଷ ଜମିରେ ମାଡ଼ି ପାରୁନି। ଏ ସମ୍ପର୍କରେ ଗ୍ରାମବାସୀ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଡ୍ରେନେଜ ବିଭାଗକୁ ଜଣାଇବା ପରେ ବିଭାଗୀୟ ଏସ୍‌ଡିଓ ସମ୍ବିତ କୁମାର ଶିହଳ ଗୁରୁବାର କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ପ୍ରକାଶ ଯେ, ଗୋପାଳିଆ କେନାଲରୁ ନିଗାଡ଼ି ନାଳ ବାହାରି ସଦାବର୍ତ୍ତଶାସନ ଗ୍ରାମ ନିକଟରେ ଶେଷ ହୋଇଛି। ଗୋପାଳିଆ କେନାଲ ସଂସ୍କାର ହୋଇଥିବା ବେଳେ ନିଗାଡ଼ି ନାଳ ୧୦ବର୍ଷ ହେଲା ସଂସ୍କାର ହୋଇନାହିଁ। ଯାହାଦ୍ୱାରା କେନାଲ ପାଣି ନାଳରେ ପ୍ରବେଶ କରି ଆଡ଼ିବନ୍ଧ ଭାଙ୍ଗି ଦେଉଛି। କ୍ଷେତ୍ରୀୟ ତଦନ୍ତ ବେଳେ ଏସ୍‌ଡିଓଙ୍କ ସହିତ ସହକାରୀ ଯନ୍ତ୍ରୀ ରବିନ ପରମାଣିକ ଏବଂ ଗ୍ରାମବାସୀ ଗଣେଶ ପ୍ରସାଦ ନାୟକ, ଗଙ୍ଗାଧର ରାଉତ, ରବୀନ୍ଦ୍ର ରାଉତ, କାଳନ୍ଦୀ ଖଟୁଆ, ୱାର୍ଡସଭ୍ୟ ବିନି ମହଲ ପ୍ରମୁଖ ଉପସ୍ଥିତ ଥିଲେ।

## ହନୁମାନ, ରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା

କୋଡ଼ପଡ଼ା,୧୨।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ସାଇଁକୁଳ ଗ୍ରାମରେ ହନୁମାନ ଓ ରାଧକୃଷ୍ଣଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଶାନ୍ତ କୁମାର ହୋତା ଓ ସହଯୋଗୀଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିର ନିର୍ମାଣରେ ଗ୍ରାମର ଦୁଃଖଶ୍ୟାମ ପରିଡ଼ା, ସନ୍ତୋଷ ସ୍ୱାଇଁ, ପ୍ରଫୁଲ୍ଲ ପରିଡ଼ା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଯଜ୍ଞରେ ବେଣୁଧର ପରିଡ଼ା, ହରମୋହନ ପରିଡ଼ା, ଚିତ୍ତରଞ୍ଜନ ପରିଡ଼ା, ତ୍ରିଲୋଚନ ପରିଡ଼ାଙ୍କ ସମେତ ଗୌର ଭକ୍ତଙ୍କ ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ ହୋଇଥିଲା। ଗୁରୁବାର ଦିନ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଗ୍ରାମବାସୀ ଓ ଆଖପାଖ ଅଞ୍ଚଳରୁ ଆସିଥିବା ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।


ନୂତନ ହନୁମାନଙ୍କ ବିଗ୍ରହ ନିକଟରେ ପୂଜାର୍ଚ୍ଚନା କରାଯାଉଛି।

# ବିଦ୍ୟୁତ୍ ସମସ୍ୟାରୁ ମୁକୁଳିବେ ୬ ହଜାର ଉପଭୋକ୍ତା

ଖଇରା,୧୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ପଞ୍ଚାୟତବାସୀ ଦୀର୍ଘଦିନ ଧରି ବିଦ୍ୟୁତ ସମସ୍ୟାରେ ଘାଣ୍ଟି ହେଉଥିବା ବେଳେ ୨ଦିନ ତଳେ ନୂଆ ଷ୍ଟ୍ରକଚର ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସେମାନଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ଓଡିଏସ୍‌ଏସ୍‌ପି ମାଧ୍ୟମରେ ପଞ୍ଚାୟତର ବିଦ୍ୟୁତ ସମସ୍ୟାରେ ଘାଣ୍ଟି ହେଉଥିବା ୬ ଗ୍ରାମବାସୀଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ଷ୍ଟ୍ରକଚର ପ୍ରତିଷ୍ଠା ପାଇଁ ସାରୁଗାଁ ହାକୁଣ୍ଡ ପୋଖରୀ ନିକଟରେ ଭୂମିପୂଜା କରାଯାଇଛି । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାର ଶିଳାନ୍ୟାସ କରିଥିବା ବେଳେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଯୁବନେତା ଗୌତମ ରାଉତ, ସମିତିସଭ୍ୟା ପ୍ରତିନିଧି ଜିତେନ୍ଦ୍ର ବେହେରା, ଔପଦା ଫିଡରର କନିଷ୍ଠଯନ୍ତ୍ରୀ ସତୀଶ ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଓପିଟିଏଲ(ଓଡିଶା ପାୱାର ଟ୍ରାନ୍ସମିଶନ ଲିମିଟେଡ) ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ରେ ୩୩କେଭି ଲାଇନରେ ୫ଏମଭିର ୨ଟି ପାୱାର ଟ୍ରାନ୍ସଫର୍ମର ବସାଯିବାର ଯୋଜନା ରହିଛି । ପଞ୍ଚାୟତର ସାରୁଗାଁ ଚନ୍ଦ୍ରାଟିକିରି, ବୁଢାଗଡିଆ, ଫଗୁଣା, ସମସରପୁର, ଦହିପୁର ଓ ସରସତିଆ ସିଧାସଳଖ ଉପକୃତ ହେବେ ଏବଂ ଗଣ୍ଡିବେଡ ଲାଇନରେ ଅନ୍ୟାନ୍ୟ ଗ୍ରାମଗୁଡିକ ମଧ୍ୟ ଏଥିରୁ ଉପକୃତ ହେବେ ଏବଂ ଏହି ପ୍ରକଳ୍ପ ପାଇଁ ୭କୋଟି ଟଙ୍କା ବ୍ୟୟ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି । ଏହାଛଡା ଏହି ପଞ୍ଚାୟତର ମହାରାସାହି ଗ୍ରାମର ୪୫ ପରିବାରକୁ ଲୋ ଭୋଲଟେଜ ସମସ୍ୟାରୁ ମୁକ୍ତ କରିବାକୁ ବିଧାୟକ ପାଣିଗ୍ରାହୀ ଏଲଟି ଲାଇନରେ ଏକ ଟ୍ରାନ୍ସଫର୍ମର ବସାଇବା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

### ସାରୁଗାଁରେ ନୂତନ ଗ୍ରୀଡ୍ ଭିତ୍ତିପ୍ରସ୍ତର ସ୍ଥାପନ



ସାରୁଗାଁରେ ଷ୍ଟ୍ରକଚର୍ ସ୍ଥାପନା ପାଇଁ ଭୂମିପୂଜାରେ ବିଧାୟକଙ୍କ ସହ ସାରୁଗାଁ ପଞ୍ଚାୟତବାସୀ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ପାଟଣା,୧୨।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳ ମାଛଗଡ଼ ପଞ୍ଚାୟତ ବାଉଁଶନାଳୀ ଗାଁରେ ଜଣେ ଯୁବକଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ ଉକ୍ତ ଗ୍ରାମର ରାଜେନ୍ଦ୍ର ମୁଣ୍ଡା(୨୭)। ଗୁରୁବାର ରାତିରେ ରାଜେନ୍ଦ୍ର ଘରେ ତଳେ ମଶାରୀ ଦେଇ ଶୋଇଥିଲେ। ମଶାରୀ ଭିତରେ ଥିବା ଏକ ଚିତ୍ତିସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡ଼ି ଦେଇଥିଲା। ରାଜେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପାଟଣା ଥାନାରେ (ନଂ. ୧୫/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶଙ୍କର ଆଳଦା କହିଛନ୍ତି।

